ବର୍ଷ-୨୬, ସଂଖ୍ୟା-୩୦୧
ଭୁବନେଶ୍ୱର
ନଭେମ୍ବର, ୧୧, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 301
Bhubaneswar
November, 11, 2026, Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ମଧୁବାବୁ ପେନସନ ଯୋଜନାରେ ଆଉ ୫ ଲକ୍ଷରୁ ଅଧିକ ନୂଆ ହିତାଧିକାରୀ

ବାଲେଶ୍ୱର/ଭୁବନେଶ୍ୱର ,,୧୦।୧୧(ମହାଭାରତ);ଆଜି ଓଡିଶା ପାଇଁ ଏକ ଐତିହାସିକ ଦିବସ। ଆଜି ଠାରୁ ରାଜ୍ୟର କୌଣସି ଗୁରୁଜନ, ବୟୋଜ୍ୟେଷ୍ଠ, ଦିବ୍ୟାଙ୍ଗଜନ କିମ୍ବା ଅସହାୟ ବ୍ୟକ୍ତି ଆଉ ସରକାରଙ୍କ ସହାୟତାରୁ ବଂଚିତ ହେବେ ନାହିଁ। ଆଜି ଠାରୁ ମଧୁବାବୁ ପେନସନ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଉ ଅପେକ୍ଷା କରିବାକୁ ପଡିବ ନାହିଁ। ଅପେକ୍ଷାର ଯୁଗ ଶେଷ ହେଲା; ଆରମ୍ଭ ହେଲା ଆପଣମାନଙ୍କ ଅଧିକାରକୁ ସମ୍ମାନ ଦେବାର ଯୁଗ।' ମଙ୍ଗଳବାର ବାଲେଶ୍ୱର ସ୍ଥିତ ରିଜର୍ଭ ପୋଲିସ ଲାଇନ ପଡ଼ିଆଠାରେ ଆୟୋଜିତ ମଧୁବାବୁ ପେନସନ ଯୋଜନାରେ ସାମାଜିକ ସୁରକ୍ଷା ଭତା ସମ୍ପୂର୍ଣ୍ଣତାର ଶୁଭାରମ୍ଭ ତଥା ୟୁପିଏମପି ପୋର୍ଟାଲ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ସରକାରଙ୍କ ସମୟରେ ଉଭୟ ରାଜ୍ୟ ଓ ଜିଲ୍ଲା ପାଇଁ ଏକ ନିର୍ଦ୍ଦିଷ୍ଟ କୋଟା ବ୍ୟବସ୍ଥା ରହିଥିବାରୁ ପେନସନ ପାଉଥିବା ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ ପରେ ହିଁ ଅନ୍ୟ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥାନ ମିଳୁଥିଲା। ଏହି ସମ୍ବେଦନହୀନ ଓ ଅମାନବୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସମାପ୍ତ କରାଯାଇଛି। ଚଳିତ ବର୍ଷ ବଜେଟ୍ ପ୍ରତିଶ୍ରୁତି ଅନୁଯାୟୀ ଆଜି ଆଉ ୫,୦୫,୮୧୭ ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯିବା ଫଳରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ୪୧,୮୦,୮୨୫କୁ ବୃଦ୍ଧି ପାଇଛି ଏବଂ ଏହି ଯୋଜନା ବର୍ତ୍ତମାନ ସମ୍ପୂର୍ଣ୍ଣ ସାଚୁରେଶନ ବା ସମ୍ପୂର୍ଣ୍ଣତା ହାସଲ କରିଛି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୫ ଲକ୍ଷ ଅଧିକ ହିତାଧିକାରୀଙ୍କ ପାଇଁ ବର୍ଷକୁ ମାତ୍ର ୬୨୫ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ । ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ୫୦୦-୬୦୦ କୋଟି ଟଙ୍କା ପାଇଁ ଆମର ଗୁରୁଜନମାନଙ୍କୁ ହନ୍ତସନ୍ତ କରିବା କୌଣସି ଦୃଷ୍ଟିରୁ ଶୋଭନୀୟ ନୁହେଁ ବୋଲି ସେ କହିଥିଲେ । ତେଣୁ, ବୟୋଜ୍ୟେଷ୍ଠଙ୍କ କଲ୍ୟାଣ ପାଇଁ ଏହି ପରିମାଣ ଆମ ସରକାରଙ୍କ ଏକ ସାର୍ଥକ ବିନିଯୋଗ ବୋଲି ସେ ମତବ୍ୟକ୍ତ କରିଥିଲେ

ଏହି ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ୟୁନିଫାଏଡ୍ ପେନସନ୍ ମ୍ୟାନେଜମେଂଟ ପୋର୍ଟାଲ (ୟୁପିଏମପି) ପୋର୍ଟାଲ ଉନ୍ମୋଚିତ କରିଥିଲେ । ଯୋଗ୍ୟ ବ୍ୟକ୍ତିମାନେ ଏହି ପୋର୍ଟାଲ ଜରିଆରେ କିମ୍ବା ନିକଟସ୍ଥ ଜନସେବା କେନ୍ଦ୍ର ଏବଂ ବିଡିଓ କାର୍ଯ୍ୟାଳୟ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ।

ଆବେଦନ କରିଥିବା ପର ମାସଠାରୁ ନିୟମିତ ଭାବେ ଭତା ମିଳିବ ଏବଂ ୮୦ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇଁ ପୁନର୍ବାର ଆବେଦନ କରିବାକୁ ପଡିବ ନାହିଁ, ବରଂ ବୟସସୀମା ପୂର୍ଣ୍ଣ ହେଲେ ଏହା ସ୍ୱୟଂକ୍ରିୟ ଭାବେ ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।



ସୂଚନାଯୋଗ୍ୟ ଯେ ନୂତନ ହିତାଧିକାରୀମାନେ ଅକ୍ଟୋବର ଓ ନଭେମ୍ବର ମାସର ଭତା ଏକାଠି ପାଇବେ। ଜିଲ୍ଲା ସ୍ତରରେ ନଭେମ୍ବର ୧୧ ରୁ ୧୨ ଏବଂ ବ୍ଲକ ସ୍ତରରେ ନଭେମ୍ବର ୧୩ ରୁ ୧୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯେଉଁମାନେ ଏଥିରେ ପାଇବେ ନାହିଁ, ସେମାନେ ନଭେମ୍ବର ୨୫ ତାରିଖରେ ନିଜ ନିଜ ପଂଚାୟତ ବା ମୁନିସିପାଲିଟି କାର୍ଯ୍ୟାଳୟରୁ ନଗଦ ଭତା ଗ୍ରହଣ କରିବେ ଏବଂ ଡିସେମ୍ବର ମାସଠାରୁ ପ୍ରତି ମାସର ୧୫ ତାରିଖରେ ନିୟମିତ ଭତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୩୪୦ କୋଟି ଟଙ୍କାର ୭୦ଟି ଉନ୍ନୟନମୂଳକ ପ୍ରକଳ୍ପର (୭୮ କୋଟି ଟଙ୍କାର ୨୮ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨୬୨ କୋଟି ଟଙ୍କାର ୪୨ଟି ପ୍ରକଳ୍ପ ପାଇଁ ଭିତିପ୍ରସ୍ତର) ଶୁଭାରମ୍ଭ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କଠାରୁ ସିଧା ସଳଖ ଭାବେ ମଧୁବାବୁ ପେନସନ ଯୋଜନାରେ ସଦର ବାଲେଶ୍ୱରରୁ ଅମୂଲ୍ୟ ଆଚାର୍ଯ୍ୟ, ଫୁଲମଣି ମାରାଣ୍ଡି, ରେମୁଣାରୁ ଶିବା ସିଂହ, ଜୟନ୍ତୀ ସାହୁ, ନୀଳଗିରିରୁ ପ୍ରଫୁଲ୍ଲ ନାୟକ, ହୀରନ ଦାସ ଏବଂ ନୀଳଗିରି ଏନଏସିରୁ ଗାୟତ୍ରୀ ବେହେରା, ଗଜେନ୍ଦ୍ର ମହାପାତ୍ର ପ୍ରଭୃତି ପେନସନ ଗ୍ରହଣ କରିଥିଲେ । ଏହା ସହ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରସ୍ତୁତ 'ମଧୁବାବୁ ପେନସନ ଯୋଜନା' ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ ଆଜି ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି, ସେଠାରେ କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ମଧ୍ୟ ରହିଛି । ଏବେ ମହିଳାମାନେ କେବଳ 'ହିତାଧିକାରୀ' ହୋଇ ରହିବେ ନାହିଁ, ସେମାନେ ଉଦ୍ୟୋଗୀ ହେବେ । ଆମର ଜନକଲ୍ୟାଣକାରୀ ସରକାର ହିତାଧିକାରୀଙ୍କୁ ନିଜର ପ୍ରାପ୍ୟ ଓ ଅଧିକାର ପ୍ରଦାନ ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। ପୂର୍ବ ସରକାର ସମୟରେ ଭତା ପାଇଁ ହେଉଥିବା ଦୀର୍ଘଦିନର ଅପେକ୍ଷା ଆଉ କାହାକୁ କରିବାକୁ ପଡ଼ିବ ନାହିଁ ।ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆ, ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଶଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ବିଭାଗୀୟ କମିଶନର ତଥା ଶାସନ ସଚିବ ଡକ୍ଟର ବୃନ୍ଦା. ଡି ଏବଂ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ସମେତ,ବହୁସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ


ଭୁବନେଶ୍ୱର,୧୦।୧୧(ମହାଭାରତ): ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଓଡ଼ିଶାରେ ୨୦୨୭ ମସିହା ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ(ଏସଏସଆର) କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଚଳିତମାସ ୩୦ତାରିଖରେ ରାଜ୍ୟର ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସମସ୍ତ ଦାବି ଓ ଆପତ୍ତିର ଫଇସଲା ପରେ ୨୦୨୭ ଜାନୁୟାରୀ ୨୧ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଏହି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନିରପେକ୍ଷ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ଆଜି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୀତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏସମ୍ପର୍କରେ ସୂଚନା ଦିଆଯାଇଛି। ୨୦୨୭ ଜାନୁଆରୀ ୧ ତାରିଖକୁ ମୁଖ୍ୟ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ବୈଠକରୁ ଜଣାପଡ଼ିଛି ଯେ, ନଭେମ୍ବର ୮ତାରିଖ ସୁଦ୍ଧା ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୧୯ ଲକ୍ଷ ୧୨ ହଜାର ୬୨୩ ରେ ପହଂଚିଛି । ସେଥିମଧ୍ୟରୁ ୧ କୋଟି ୬୨ ଲକ୍ଷ ୫୧ ହଜାର ୪୪୩ ଜଣ ପୁରୁଷ ଭୋଟର ଓ ୧ କୋଟି ୫୬ ଲକ୍ଷ ୫୮ ହଜାର ୪୦୫ ଜଣ ମହିଳା ଭୋଟର ରହିଛନ୍ତି। ତାଲିକାରେ ୨୭୭୫ ଜଣ ତୃତୀୟ ଲିଙ୍ଗ ଭୋଟରେ, ୩ ଲକ୍ଷ ୮୬ ହଜାର ୧୮୫ ଜଣ ଯୁବ ଭୋଟର ଓ ୪ ଲକ୍ଷ ୫୨ ହଜାର ୭୩ ଜଣ ଦିବ୍ୟାଙ୍ଗ ଭୋଟର ସାମିଲ ଅଛନ୍ତି । ସମଗ୍ର ରାଜ୍ୟରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଂଗତ ପୁନର୍ଗଠନ ଓ ପୁନର୍ବିନ୍ୟାସ କାର୍ଯ୍ୟ ଆସନ୍ତା ନଭେମ୍ବର ୨୦ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମତଦାନ କେନ୍ଦ୍ରର ଏହି ପୁନର୍ଗଠନ ପ୍ରସ୍ତାବ ଚୂଡ଼ାନ୍ତ ହେବା ପୂର୍ବରୁ ରାଜନୈତିକ ଦଳମାନଙ୍କୁ ସେମାନଙ୍କର ମତାମତ ଓ ପ୍ରସ୍ତାବ ଦାଖଲ କରିବାକୁ ନିର୍ବାଚନ କମିଶନ ପରାମର୍ଶ ଦେଇଛନ୍ତି।

ଓଆରଏସ୍ ଅଧିକାରୀଙ୍କୁ ଚାକିରିରୁ ବରଖାସ୍ତ

ଭୁବନେଶ୍ୱର,୧୦।୧୧(ମହାଭାରତ);ଚାକିରି ଆରମ୍ଭରୁ ଟଙ୍କା ଲୋଭ ବେଶ୍ ମହଙ୍ଗା ପଡ଼ିଛି। ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ଅଧିକାରୀ ତଥା ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ରାଜ୍ୟ ସରକାର ଚାକିରିରୁ ବରଖାସ୍ତ କରିଛନ୍ତି।ମନୀଷା ମିଶ୍ର ୨୦୨୪ ମସିହାରେ ଚାକିରିରେ ଯୋଗ ଦେଇଥିଲେ। ସେ ବର୍ତ୍ତମାନ ପ୍ରୋବେସନ୍ ଅବଧିରେ ଥିବାବେଳେ ବାଲିଆପାଳରେ ସବ୍-ରେଜିଷ୍ଟ୍ରାର ଭାବେ ନିଯୁକ୍ତ ହୋଇଥିଲେ।



ତାଙ୍କୁ ବରଖାସ୍ତ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ। ରାଜ୍ୟପାଳଙ୍କ ଆଦେଶାନୁସାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନେଇଛନ୍ତି ଏହି କାର୍ଯ୍ୟାନୁଷ୍ଠାନ। ଓଡ଼ିଶା ସରକାର କର୍ମଚାରୀ ଆଚରଣ ନିୟମ, ୧୯୫୯ (୩) ଉଲ୍ଲଙ୍ଘନ କରିଥିବାରୁ ମନୀଷା ମିଶ୍ରଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି।୦.୧୪ ଡିସିମିଲ୍ ପରିମିତ ଏକ 'ବାଜ୍ୟାପ୍ତି ସ୍ଥିତିବାନ' କିସମ ଜମିର ବିକ୍ରୟ କବଲା ପଞ୍ଜୀକରଣ କରିବା ପାଇଁ ଉକ୍ତ ବ୍ୟକ୍ତି ଜଣଙ୍କ ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ଅନୁରୋଧ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ (ଜଓଡଗ)ର ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି କିସମର ଜମିକୁ ସ୍ଥିତିବାନ ଭାବେ ବିବେଚନା କରାଯାଇ ପଞ୍ଜୀକରଣ କରାଯାଇପାରିବ। ଏନେଇ ସେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସବ୍-ରେଜିଷ୍ଟ୍ରାର ତାଙ୍କ କଥା ଶୁଣିନଥିଲେ।ଅଭିଯୋଗ ଅନୁସାରେ, ଏହି କାମ କରାଇଦେବା ପାଇଁ ପ୍ରଥମେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ର। ଅଭିଯୋଗକାରୀ ଏତେ ଟଙ୍କା ଦେବାକୁ ଅସମର୍ଥତା ପ୍ରକାଶ କରିବାରୁ ସେ ଲାଞ୍ଚ ପରିମାଣ ୭ ହଜାର ଟଙ୍କାକୁ କମାଇ ଦେଇଥିଲେ। ଏଥିରେ ଅତିଷ୍ଠ ଅଭିଯୋଗକାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

ଭାରତ ସହ ପାକିସ୍ତାନକୁ ଘୋଡ଼ାଇଲା ଧୂଆଁର ଚାଦର


ନୂଆଦିଲ୍ଲୀ୧୦।୧୧(ମହାଭାରତ); ଶୀତ ଆସିବା ସହିତ ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ସମସ୍ୟା ଚିନ୍ତା ବଢ଼ାଇଛି। ଦିଲ୍ଲୀ ସମେତ ଅନେକ ସହରରେ ଧୂଆଁ ଓ ଧୂଳିର ଆସ୍ତରଣ ଦେଖିବାକୁ ମିଳୁଛି। ଏହି ସମୟରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଏକ ସାଟେଲାଇଟ୍ ଚିତ୍ର ଜାରି କରିଛି। ଏହି ଚିତ୍ରରେ କେବଳ ଭାରତ ନୁହେଁ, ପଡ଼ଶୀ ପାକିସ୍ତାନର ଆକାଶରେ ମଧ୍ୟ ଧୂଆଁ ଓ ଧୂଆଁଳିଆ ପରିବେଶର ଚାଦର ଦେଖିବାକୁ ମିଳିଛି। ଏହା ଦୁଇ ଦେଶରେ ଶୀତଦିନରେ ବଢୁଥିବା ବାୟୁ ପ୍ରଦୂଷଣର ଗମ୍ଭୀରତାକୁ ଦର୍ଶାଉଛି। ନାସାର ଏହି ଚିତ୍ରକୁ ମହାକାଶରୁ ଉଠାଯାଇଛି। ମଡରେଟ୍ ରିଜୋଲ୍ୟୁସନ୍ ଇମେଜିଂ ସ୍ପେକ୍ଟ୍ରୋରାଡିଓମିଟର ଏହାକୁ କଏଦ କରିଛି। ନାସାର ଫାୟାର ଇନଫର୍ମେସନ୍ ଫର୍ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍ ଜରିଆରେ ଏହି ଚିତ୍ର ଉପଲବ୍ଧ କରାଯାଇଛି।

ଗଂଜାମ ବନ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୧୦।୧୧(ମହାଭାରତ); ଗଞ୍ଜାମ ବନ୍ୟା ଦୁର୍ଦ୍ଦଶା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ପଟ୍ଟନାୟକ ଚିଠି ଲେଖିବା ସହ ତୁରନ୍ତ ରିଲିଫ୍ ଓ ପୁନର୍ବାସ ପଦକ୍ଷେପ ପାଇଁ ଦାବି ଜଣାଇଛନ୍ତି। ଏହାସହ କେଉଁମାନଙ୍କ ତ୍ରୁଟିରୁ ଏପରି ମନୁଷ୍ୟକୃତ ଦୁର୍ଦ୍ଦଶା ସୃଷ୍ଟି ହେଲା ନିର୍ଦ୍ଧାରଣ ପାଇଁ ଦାବି କରିଛନ୍ତି ନବୀନ ପଟ୍ଟନାୟକ।

ନବୀନ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଗତ ୭ ତାରିଖରେ ହିଞ୍ଜିଳି, ଶେରଗଡ଼ା, ଆସ୍କା ଓ ସୋରଡ଼ା ବନ୍ୟାଗ୍ରସ୍ତ ଅଂଚଳ ପରିଦର୍ଶନ କରିଛି। ସମସ୍ତେ ଅଭୂତପୂର୍ବ ବନ୍ୟା ଯୋଗୁଁ ବିପୁଳ କ୍ଷତି ସହିଛନ୍ତି । ଗଞ୍ଜାମ ଗସ୍ତରେ ଜିଲ୍ଲାବାସୀଙ୍କ ଦୁର୍ଦ୍ଦଶା ମୋତେ ଗଭୀର ମର୍ମାହତ କରିଛି। କେବେ ଘଟି ନଥିବା ବନ୍ୟା ସ୍ଥିତିର ସାମ୍ନା କରୁଥିବା ଗଞ୍ଜାମବାସୀଙ୍କ ପାଇଁ ତୁରନ୍ତ ରିଲିଫ୍ ଓ ପୁନର୍ବାସ ପଦକ୍ଷେପ ଗ୍ରହଣ ସହ ମାନବକୃତ ଦୁର୍ଦ୍ଦଶାର ଉତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅବଗତ କଲି।

ଗଞ୍ଜାମରେ ଏହି ମାନବକୃତ ବନ୍ୟା ସାଧାରଣ ଭିତିଭୂମିକୁ ବହୁଳ କ୍ଷତି ପହଂଚାଇବା ସହ ବ୍ୟାପକ ଫସଲ ନଷ୍ଟ, ଜୀବନହାନୀ ସହ ଜୀବିକା ନଷ୍ଟ କରିଛି। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିକାଶ ଅନେକ ବର୍ଷ ପଛକୁ ଚାଲିଯାଇଛି; ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଭାରତୀୟ ପାଣିପାଗ ବିଭାଗ ର ଆଗୁଆ ସତର୍କ ସୂଚନା ସତ୍ତ୍ୱେ ଗଞ୍ଜାମରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ନଥିଲେ। ଗଞ୍ଜାମ ପାଇଁ ଆବଶ୍ୟକ ପ୍ରସ୍ତୁତିର ଅଭାବ ଥିବା କଥା ସରକାର ନିଜେ ମଧ୍ୟ ସ୍ୱୀକାର କରିଛନ୍ତି। ଯଦି ଆଗୁଆ ସତର୍କ ସୂଚନା ଆଧାରରେ କର୍ତୃପକ୍ଷ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେଇଥାନ୍ତେ, ତେବେ ଗଞ୍ଜାମବାସୀଙ୍କ ଅନେକ ଦୁର୍ଦ୍ଦଶାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା।



ଡ୍ୟାମ୍ ର ଗେଟ୍ ଖୋଲିବା ପୂର୍ବରୁ ଲୋକମାନଙ୍କୁ ଆବଶ୍ୟକୀୟ ଆଗୁଆ ସତର୍କ ସୂଚନା ଦିଆଯାଇନଥିବା ନେଇ ମଧ୍ୟ ଲୋକେ କହୁଛନ୍ତି। ଏଭଳି ଚରମ ଅବହେଳା ଓ ମାନବକୃତ ଦୁର୍ଦ୍ଦଶା, ସରକାରଙ୍କ ଦାୟିତ୍ୱବୋଧକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ଏହି ଗୁରୁତର ତ୍ରୁଟି ପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକମାନେ ଦାବି କରୁଛନ୍ତି। ଗଞ୍ଜାମ ଗସ୍ତ ସମୟରେ ଅଂଚଳବାସୀଙ୍କ ଦୁର୍ଦ୍ଦଶା ଓ ଗୁରୁତର ସମସ୍ୟା ସମ୍ପର୍କରେ ମୁଁ ଅନେକ ଅଭିଯୋଗପତ୍ର ଗ୍ରହଣ କରିଥିଲି। ତୁରନ୍ତ ପଦକ୍ଷେପ ନେବା ପାଇଁ ମୁଁ ସେହି ଅଭିଯୋଗପତ୍ରଗୁଡ଼ିକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିକଟକୁ ପଠାଇଛି।

ବନ୍ୟା ଗଞ୍ଜାମ ଜିଲ୍ଲାରେ ଅଭାବନୀୟ କ୍ଷୟକ୍ଷତି ଘଟାଇଛି। ଏବେ ସରକାରଙ୍କୁ ପକ୍ଷପାତିତାରୁ ଉର୍ଦ୍ଧ୍ୱରେ ରହି, ଦୁଃଖଦୁର୍ଦ୍ଦଶାରେ ଥିବା ଲୋକଙ୍କ ପ୍ରତି ସର୍ବାଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରି ଥଇଥାନ ଓ ପୁନର୍ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

କେବଳ ମୁହଁରେ ସହାନୁଭୂତି ପ୍ରକାଶ କଲେ ହେବ ନାହିଁ। ଚାଷୀ, ମହିଳା, ଯୁବବର୍ଗ, କ୍ଷୁଦ୍ର ବ୍ୟବସାୟୀ ଏବଂ ଗଞ୍ଜାମ ଜିଲ୍ଲାର ସାଧାରଣ ଲୋକଙ୍କୁ ଠିକ୍ ସମୟରେ କ୍ଷତିପୂରଣ ପ୍ରଦାନ କରିବା ସହ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ସମଗ୍ର ସରକାରୀ କଳକୁ ନେଇ ଏକ ସମନ୍ୱିତ ଓ ଲକ୍ଷ୍ୟଭିତିକ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ଏହି ଦିଗରେ ବିଜେପି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଅବହେଳା କରାଗଲେ, ବିଜୁ ଜନତା ଦଳ ଲୋକଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁ ସ୍ତରରେ ଲଢ଼େଇ ଜାରି ରଖିବ।

ବର୍ତ୍ତମାନ ଗଞ୍ଜାମରେ ଏବଂ ଏହା ପୂର୍ବରୁ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ବାରମ୍ବାର ଅବ୍ୟବସ୍ଥା ଓ ଅପରିପକ୍ୱତା ଦେଖିବାକୁ ମିଳିଛି। ଏହା ଆମ ଲୋକଙ୍କୁ ଅସହ୍ୟ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେବା ସହ ପରିବାର, ସମାଜ ଏବଂ ସମଗ୍ର ରାଜ୍ୟର ପ୍ରଗତିକୁ ମଧ୍ୟ ପଛକୁ ନେଇଯାଉଛି।

ସରକାରଙ୍କ ଅକ୍ଷମତା ଓ ଅବହେଳା ଯୋଗୁଁ କେବେବି ରାଜ୍ୟବାସୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବା ଉଚିତ ନୁହେଁ। ପୂର୍ବରୁ ରାଜ୍ୟ ପାଇଁ ଯେଉଁ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକ ସଫଳତାର ସହ କାର୍ଯ୍ୟ କରୁଥିଲେ, ତାହାର ଅଧ୍ୟୟନ କରି ବିଜେପି ସରକାର ସେଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ଦୂରଦୃଷ୍ଟି ଓ ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଆବଶ୍ୟକ।

ବିଜେପି ରାଜ୍ୟ ସରକାର ନିଜର ଦାୟିତ୍ୱ ସ୍ୱୀକାର କରିବା ସହ ଉତରଦାୟିତ୍ୱ ନିର୍ଦ୍ଧାରଣ କରିବା ଉଚିତ। ବିଜେଡି ସରକାରଙ୍କ ୨୪ ବର୍ଷର କଠିନ ପରିଶ୍ରମ ଓ ହାସଲ କରିଥିବା ପ୍ରଗତିକୁ ଡବଲ୍ ଇଞ୍ଜିନ୍ ସରକାର ମାତ୍ର ୨୪ ମାସ ମଧ୍ୟରେ ଧ୍ୱଂସ କରିନଦିଅନ୍ତୁ।

ବନ୍ଦ ହେଲା ଗିଡ଼ିପାବାଲି ଭୂସ୍ଖଳନରେ ୬ ନିଖୋଜମାନଙ୍କ ଉଦ୍ଧାର କାର୍ଯ୍ୟ

ଘୁ.ଉଦୟଗିରି:,୧୦।୧୧(ମହାଭାରତ); ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାରେ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିଲା। ଅକ୍ଟୋବର ୨୮ ରାତିରେ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ବାଇବାଲି ପଞ୍ଚାୟତ ଗିଡ଼ିପାବାଲି ଗ୍ରାମର ଭୂସ୍ଖଳନ ଯୋଗୁଁ ୧୩ଜଣଙ୍କ ପ୍ରଣହାନୀ ଘଟିଥିଲା। ଅନେକ କଷ୍ଟସାଧ୍ୟ ଅଭିଯାନ ପରେ ମାଟି, ପଥର ଗଦା ମଧ୍ୟରୁ ୭ଜଣଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ୬ଜଣଙ୍କ ପତ୍ତା ମିଳିନଥିଲା। ଆଜି ୧୨ ଦିନରେ ଉଦ୍ଧାର କାର୍ଯ୍ୟକୁ ବିଧିବଦ୍ଧ ଭାବେ ବନ୍ଦ କରାଯାଇଛି। ନିଖୋଜ ଥିବା ୬ଜଣଙ୍କ ସ୍ମୃତିରେ ଗ୍ରାମବାସୀ ଶୋକପାଳନ କରିଛନ୍ତି। ଜିଲ୍ଲାପାଳ ଆଇଏଏସ ବେଦଭୁଷଣ କହିଛନ୍ତି, ଗ୍ରାମବାସୀଙ୍କ ଅନୁରୋଧ ପ୍ରକାରେ ପ୍ରଶାସନ ତରଫରୁ ଗ୍ରାମବାସୀଙ୍କ ସହ ଆଲୋଚନା କରି



ରେଡ଼କ୍ରସ ପାଣ୍ଠିରୁ ପ୍ରାଥମିକ ଆର୍ଥିକ ସହାୟତା ଦିଆଯାଇଛି। ୫ ଟି ବିପନ୍ନ ପରିବାରକୁ ରାଇକିଆ ବ୍ଲକ ଅଞ୍ଚଳରେ ଜମି ସହ ଘର ଦିଆଯିବ। ବଳକା ପରିବାର ନିଜ ଇଚ୍ଛା ଅନୁସାରେ ଭଞ୍ଜନଗର ବ୍ଲକରେ ରହିବାକୁ ନିଷ୍ପତ୍ତି ହୋଇଛି। ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ଚାଷ ନିମନ୍ତେ କ୍ଷତି ପୂରଣ, ମୃତକଙ୍କ ପରିବାର ନିମନ୍ତେ ପ୍ରାକୃତିକ ବିପର୍ଯ୍ୟୟ ଥଇଥାନ ନିୟମାନୁସାରେ ଆର୍ଥିକ ସହାୟତା ପ୍ରଦାନ ଦିଆଯିବ। ଗ୍ରାମବାସୀଙ୍କ ଅନୁରୋଧ ପତ୍ର କୁ ବିଚାର କରି ମଙ୍ଗଳବାର ଠାରୁ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଭୂସ୍ଖଳନ ସ୍ଥଳରେ ଚାଲିଥିବା ଉଦ୍ଧାର କାର୍ଯ୍ୟ ବନ୍ଦ କରାଯାଇଛି।

ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୦।୧୧(ମହାଭାରତ);: ଆସନ୍ତା ନଭେମ୍ବର ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୧୧ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ, ଯାହାର ପ୍ରଭାବରେ ୧୩ ତାରିଖରେ ଲଘୁଚାପ ସୃଷ୍ଟି ହେବ । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଆସନ୍ତା ୧୪ ତାରିଖ ବେଳକୁ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ ଏବଂ ୧୫ ତାରିଖରେ ଅବପାତର ରୂପ ନେଇପାରେ ।ଏହାର ପ୍ରତ୍ୟକ୍ଷ ବିଶେଷ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ଆକଳନ କରାଯାଇଛି, କିନ୍ତୁ ରାଜ୍ୟର କିଛି ଉପକୂଳ ଅଞ୍ଚଳରେ ଆକାଶ ମେଘୁଆ ରହିବା ସହ ସ୍ୱଳ୍ପ ବର୍ଷା ସମ୍ଭାବନା ରହିଛି । ଅନ୍ୟପଟେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ସୁନ୍ଦରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ, କୋରାପୁଟ, ନୟାଗଡ଼ ଓ କଟକ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି । ତାପମାତ୍ରାରେ ମଧ୍ୟ ବଡ଼ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଗାମୀ ୭ ଦିନ ରାତି ତାପମାତ୍ରା ପ୍ରାୟ ସ୍ଥିର ରହିବ ।

ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ନାଁରେ ଆଉ ଏକ ଏତଲା

ଭୁବନେଶ୍ୱର,୧୦।୧୧(ମହାଭାରତ); ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ପାଇଁ ଅଡୁଆ ଦିନକୁ ଦିନ ବଢୁଛି। ପୂର୍ବତନ ବାଲେଶ୍ୱର ଜେଲର ପ୍ରଦୀପ୍ତ କୁମାର ମହାଲିକ ଭୁବନେଶ୍ୱରର କ୍ୟାପିଟାଲ ଥାନାରେ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ନାଁରେ ଏକ ସାଂଘାତିକ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଜେଲରେ ଥିବା ଜଣେ କଏଦୀଙ୍କୁ ବ୍ରାଉନସୁଗାର ମାମଲାରେ ଫସାଇବା ପାଇଁ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥ ତାଙ୍କ ଉପରେ ଚାପ ପକାଉଥିବା ନେଇ ଅଭିଯୋଗ ହୋଇଛି। ଏହି ନିର୍ଦ୍ଦେଶ ନ ମାନିବାରୁ ବାଲେଶ୍ୱରର ପୂର୍ବତନ ଜେଲର ପ୍ରଦୀପ୍ତ କୁମାର ମହାଲିକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।ଏହି ଘଟଣା ନେଇ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହାପୂର୍ବରୁ ଚୌଦ୍ୱାର ସର୍କଲ ଜେଲର ଜଣେ ପୂର୍ବତନ ମହିଳା ଜେଲର ମଧ୍ୟ ସୁଶାନ୍ତ ନାଥଙ୍କ ନାଁରେ ଯୌନ ଉତ୍ପୀଡ଼ନ ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ, ଯାହାକୁ ନେଇ ପୂର୍ବରୁ ମାମଲା ରୁଜୁ ହୋଇସାରିଛି ଏବଂ ଏହି ମାମଲାରେ କୋର୍ଟରେ ମଧ୍ୟ ଶୁଣାଣି ଚାଲିଛି।

ପ୍ରଧାନମନ୍ତ୍ରୀ ନହେବାର ନିଷ୍ପତ୍ତି କାରଣ କହିଲେ ସୋନିଆ ଗାନ୍ଧୀ


ନୂଆଦିଲ୍ଲୀ,,୧୦।୧୧(ମହାଭାରତ); କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀ ତାଙ୍କ ପୁସ୍ତକ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ରେ ନିଜ ବ୍ୟକ୍ତିଗତ ଜୀବନ, ରାଜୀବ ଗାନ୍ଧୀଙ୍କ ସହ ପ୍ରଥମ ସାକ୍ଷାତ ଓ ବିବାହ, ଭାରତ ଆଗମନ, ପରିବାରର ଦୁଃଖଦ ଘଟଣା ଏବଂ ୨୦୦୪ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ ନକରିବାର ନିଷ୍ପତ୍ତି ସମ୍ପର୍କିତ ଅନେକ ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି। ସେ ଏହାକୁ ରାଜନୈତିକ ପୁସ୍ତକ ପରିବର୍ତ୍ତେ ଏକ ବ୍ୟକ୍ତିଗତ ସ୍ମୃତିଗ୍ରନ୍ଥ ବୋଲି କହିଛନ୍ତି। ଏହି ପୁସ୍ତକକୁ ସେ ରାହୁଲ, ପ୍ରିୟଙ୍କା ଏବଂ ନିଜ ନାତି-ନାତୁଣୀ ରେହାନ ଓ ମିରାୟାଙ୍କୁ ସମର୍ପିତ କରିଛନ୍ତି।

କୌଣସି ଔପଚାରିକ ଉନ୍ମୋଚନ କାର୍ଯ୍ୟକ୍ରମ ବିନା ବଜାରକୁ ଆସିଥିବା ଏହି ପୁସ୍ତକର ବିକ୍ରି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ହାର୍ପର କଲିନ୍ସ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ ମୋଟ ୭ଟି ଅଧ୍ୟାୟ ରହିଛି। ପୁସ୍ତକର ମୁଖପୃଷ୍ଠାରେ ଥିବା ସୋନିଆ ଗାନ୍ଧୀଙ୍କ ଫଟୋ ୧୯୬୬ ମସିହାରେ ରାଜୀବ ଗାନ୍ଧୀ ଉଠାଇଥିଲେ।

ସୋନିଆ ଗାନ୍ଧୀ ମଙ୍ଗଳବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନିଜ ପୁସ୍ତକର ଏକ ଅଂଶ ସେୟାର କରି ୨୦୦୪ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ ନକରିବାର ନିଷ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ, ତାଙ୍କ ମନରୁ ସନ୍ଦେହର ଶେଷ ଅଂଶ ମଧ୍ୟ ଦୂର ହୋଇଯାଇଥିଲା ଏବଂ ସେ ନିଜକୁ କହିଥିଲେ ଯେ ତାଙ୍କୁ ନିଜ ପ୍ରତି ସଚ୍ଚୋଟ ରହିବା ଉଚିତ। କଂଗ୍ରେସ ମହାସଚିବ କେ.ସି. ବେଣୁଗୋପାଳ ମଧ୍ୟ ଏକ୍ସରେ ପୁସ୍ତକ ପ୍ରକାଶନ ପାଇଁ ସୋନିଆ ଗାନ୍ଧୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ସୋନିଆଙ୍କ ଜୀବନକୁ ଏକ ପ୍ରେରଣାଦାୟକ ଯାତ୍ରା ବୋଲି ବର୍ଣ୍ଣନା କରିବା ସହ ତାଙ୍କ ସହ କାମ କରିବା ଏବଂ ତାଙ୍କ ନେତୃତ୍ୱକୁ ନିକଟରୁ ଦେଖିବା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ବୋଲି କହିଛନ୍ତି।

ସୋନିଆ ଗାନ୍ଧୀ ପୁସ୍ତକରେ ଲେଖିଛନ୍ତି ଯେ, ୨୦୦୪ ଲୋକସଭା ନିର୍ବାଚନର କିଛି ମାସ ପୂର୍ବରୁ ହିଁ ସେ ନିଷ୍ପତ୍ତି ନେଇଥିଲେ ଯେ କଂଗ୍ରେସ କ୍ଷମତାକୁ ଆସିଲେ ମଧ୍ୟ ସେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବେ ନାହିଁ। ରାହୁଲ ଓ ପ୍ରିୟଙ୍କା ମଧ୍ୟ ତାଙ୍କୁ ଏହି ପଦରେ ଦେଖିବାକୁ ଚାହୁଁନଥିଲେ। ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ହତ୍ୟାର ସ୍ମୃତି ତାଙ୍କ ମନରେ ଥିଲା। ପ୍ରଧାନମନ୍ତ୍ରୀ ହେଲେ ସୋନିଆଙ୍କ ଜୀବନ ପ୍ରତି ବିପଦ ବଢ଼ିପାରେ ବୋଲି ମଧ୍ୟ ଆଶଙ୍କା ଥିଲା। ସୋନିଆ ଲେଖିଛନ୍ତି ଯେ, ନିର୍ବାଚନ ପ୍ରଚାର ସମୟରେ ସେ ନିଜ ନିଷ୍ପତ୍ତିକୁ ସାର୍ବଜନୀନ କରିନଥିଲେ, ଯାହାଦ୍ୱାରା ଦଳ ମଧ୍ୟରେ ନେତୃତ୍ୱକୁ ନେଇ କୌଣସି ବିବାଦ ସୃଷ୍ଟି ନହୁଏ।

ନିର୍ବାଚନରେ ବିଜୟ ପରେ ମେଣ୍ଟର ନେତାମାନେ ତାଙ୍କୁ ନିଷ୍ପତ୍ତି ବଦଳାଇବାକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସେ ନିଜର ଅସହମତି ପ୍ରକାଶ କରିଥିଲେ, କିନ୍ତୁ ନେତାମାନେ ତାଙ୍କ କଥା ସମ୍ପୂର୍ଣ୍ଣ ଶୁଣିବା ପୂର୍ବରୁ ହିଁ ଏହାକୁ ସମ୍ମତି ବୋଲି ଧରି ନେଇଥିଲେ। ଏହି ସମୟରେ ରାହୁଲ ତାଙ୍କୁ ପଚାରିଥିଲେ ଯେ, ସେ ପ୍ରଧାନମନ୍ତ୍ରୀ ହେବାକୁ କାହିଁକି ହଁ କହିଲେ। ପ୍ରିୟଙ୍କା ମଧ୍ୟ ତାଙ୍କୁ ମନେ ପକାଇ ଦେଇଥିଲେ ଯେ, ସେ ପୂର୍ବରୁ ହିଁ ନିଜ ନିଷ୍ପତ୍ତି ସ୍ପଷ୍ଟ କରିସାରିଛନ୍ତି। ସୋନିଆ ପ୍ରଧାନମନ୍ତ୍ରୀ ନହେବା ପଛରେ ବିଦେଶୀ ମୂଳର ପ୍ରସଙ୍ଗକୁ ମଧ୍ୟ ଏକ କାରଣ ବୋଲି ଦର୍ଶାଇଛନ୍ତି। ସେ ଆଶଙ୍କା କରୁଥିଲେ ଯେ, ସେ ପ୍ରଧାନମନ୍ତ୍ରୀ ହେଲେ ବିଜେପି ଓ ଏହାର ସହଯୋଗୀ ଦଳଗୁଡ଼ିକ ଏହି ପ୍ରସଙ୍ଗ ଉଠାଇ ରାଜନୈତିକ ବିବାଦ ସୃଷ୍ଟି କରିପାରନ୍ତି। ଶେଷରେ ସେ ଡ. ମନମୋହନ ସିଂହଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ଦେଇଥିଲେ।



ପୁସ୍ତକରେ ସୋନିଆ ରାଜୀବ ଗାନ୍ଧୀଙ୍କ ସହ ପ୍ରଥମ ସାକ୍ଷାତର ଅନୁଭୂତି ମଧ୍ୟ ବର୍ଣ୍ଣନା କରିଛନ୍ତି। ସେ ୧୯ ବର୍ଷ ବୟସରେ ଇଂରାଜୀ ଶିଖିବା ପାଇଁ ଇଟାଲୀରୁ କେମ୍ବ୍ରିଜ ଆସିଥିଲେ। ସେଠାରେ ଏକ ଗ୍ରୀକ୍ ରେଷ୍ଟୁରାଣ୍ଟରେ ତାଙ୍କ ନଜର ରାଜୀବ ଗାନ୍ଧୀଙ୍କ ଉପରେ ପଡ଼ିଥିଲା। ଜାନୁଆରୀ ମାସର ଗୋଟିଏ ଦିନ ତାଙ୍କ ବନ୍ଧୁ କ୍ରିଷ୍ଟିଆନ୍ ଭନ୍ ଷ୍ଟିଗଲିଜ୍ ଉଭୟଙ୍କର ପରିଚୟ କରାଇଥିଲେ। ସୋନିଆ ପୁସ୍ତକରେ କହିଛନ୍ତି ଯେ, ପ୍ରଥମ ସାକ୍ଷାତରେ ହିଁ ଉଭୟ ପରସ୍ପରକୁ ପସନ୍ଦ କରିଥିଲେ। ଧୀରେ ଧୀରେ ସେମାନଙ୍କ ସାକ୍ଷାତ ବଢ଼ିଥିଲା ଏବଂ ଉଭୟ ଏକାଠି ସମୟ ବିତାଇବା ଆରମ୍ଭ କରିଥିଲେ। ନିଜ ସମ୍ପର୍କ ବିଷୟରେ ବାପାଙ୍କୁ ଜଣାଇବାକୁ ସେ ଭୟ କରୁଥିଲେ, କାରଣ ତାଙ୍କୁ ଆଶଙ୍କା ଥିଲା ଯେ ବାପା ତାଙ୍କୁ ଇଟାଲୀ ଫେରାଇ ନେଇପାରନ୍ତି।

ଇଟାଲୀର ନାଗରିକତା ଛାଡ଼ି ଭାରତୀୟ ନାଗରିକତା ଗ୍ରହଣ କରିବା ସମ୍ପର୍କରେ ସୋନିଆ ଲେଖିଛନ୍ତି ଯେ, ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନିଜର ଇଟାଲୀୟ ପାସପୋର୍ଟକୁ ସାଇତି ରଖିଥିଲେ, କାରଣ ଏହା ତାଙ୍କ ପରିଚୟର ଏକ ଅଂଶ ଥିଲା। ରାଜୀବ ଗାନ୍ଧୀ ସାର୍ବଜନୀନ ଜୀବନରେ ପ୍ରବେଶ କରିବା ପରେ ତାଙ୍କୁ ଭାରତୀୟ ନାଗରିକତା ଗ୍ରହଣ କରିବା ଠିକ୍ ଲାଗିଥିଲା। ୧୯୮୩ ମସିହାରେ ଭାରତୀୟ ନାଗରିକତା ଗ୍ରହଣ କରିବାର ଔପଚାରିକ ପ୍ରକ୍ରିୟା ସମୟରେ ଦସ୍ତାବିଜ ପଢ଼ିବା ବେଳେ ତାଙ୍କ ହୃଦସ୍ପନ୍ଦନ ବଢ଼ିଯାଇଥିଲା। ତାଙ୍କୁ ଅନୁଭବ ହୋଇଥିଲା ଯେ, ତାଙ୍କ ପରିଚୟର ଏକ ଅଂଶ ସବୁଦିନ ପାଇଁ ଛାଡ଼ି ଯାଉଛି।

ପୁସ୍ତକରେ ଅନ୍ତର୍ଜାତୀୟ ନେତାମାନଙ୍କ ସହ ସାକ୍ଷାତ ସମ୍ପର୍କିତ ଅନେକ ରୋଚକ ଘଟଣା ମଧ୍ୟ ରହିଛି। ସୋନିଆ ୨୦୦୦ ମସିହାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଭାରତ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ଲେଖିଛନ୍ତି ଯେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମାରୋହରେ ସେ କ୍ଲିଣ୍ଟନଙ୍କୁ ସେଠାରେ ଉପସ୍ଥିତ ସୁନ୍ଦରୀ ମହିଳାମାନଙ୍କୁ ଲୁଚି ଲୁଚି ଦେଖୁଥିବାର ଲକ୍ଷ୍ୟ କରିଥିଲେ। ସେ କାଶ୍ମୀର ସମ୍ପର୍କରେ କ୍ଲିଣ୍ଟନଙ୍କ ମତାମତ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସୋନିଆଙ୍କ ଅନୁଯାୟୀ, କ୍ଲିଣ୍ଟନ କାଶ୍ମୀରକୁ ପରମାଣୁ ସଂଘର୍ଷର କେନ୍ଦ୍ର ଏବଂ ବିଶ୍ୱର ଅନ୍ୟତମ ବିପଜ୍ଜନକ ସ୍ଥାନ ବୋଲି ମନେ କରୁଥିଲେ।



ଜୀବନଚର୍ଯ୍ୟା



ଫଳ ପଲାଉ


ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିୟ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଡା ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିୟ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଡା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ ।



ଖବର

ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ



ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ୍ୟ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ୍ୟ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ରାଜା ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଏହି ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ୍ୟ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ୍ୟ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ୍ୟ ଉଚ୍ଚ ସ୍ଥାନରେ ରହିଲେ ମଧ୍ୟ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ୍ୟ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ୍ୟ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ୍ୟ ସୁସ୍ଥ ରହିଥାଏ।



ବାସ୍ତୁ ନିୟମ ଅନୁଯାୟୀ ଏପରି ଅଙ୍କନ କରନ୍ତୁ ଝୋଟି

ବାସ୍ତୁ ନିୟମ ଅନୁଯାୟୀ ଝୋଟି ଦିଗ ଓ ରଙ୍ଗ ଅନୁଯାୟୀ ଅଙ୍କନ କରିବା ଉଚିତ। ଏପରି କରିବା ଦ୍ୱାରା ଜୀବନରେ ହସଖୁସି,ସୁଖସମୃଦ୍ଧି ଆସିଥାଏ। ଝୋଟି ଆଙ୍କିବା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ। ଘରେ ସକରାତ୍ମକ ଶକ୍ତି ଆସିଥାଏ। ଭଗବାନଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ। ଏହି କାରଣରୁ ହିଁ ପ୍ରତ୍ୟେକ ଶୁଭ ଅବସରରେ ବିଭିନ୍ନ ରଙ୍ଗ ଓ ଫୁଲ ଝୋଟି ଆଙ୍କିବାର ପରମ୍ପରା ରହିଛି। ଏହି ଝୋଟି ପାଇଁ ଅଟା, ଗୁଡଳ, ହଳଦୀ, କୁଙ୍କୁମ, ଫୁଲ, ପତ୍ର ଆଦି ବ୍ୟବହାର କରାଯାଇଥାଏ।



ପୂର୍ବମୁଖୀ ଘରର ମୁଖ୍ୟଦ୍ୱାରରେ ଝୋଟି ଆଙ୍କିଲେ, ଘରେ ସର୍ବଦା ସୁଖଶାନ୍ତି ଓ ସମୃଦ୍ଧି ପାଇଁ ଅଣ୍ଡାକାର ଝୋଟି ପକାନ୍ତୁ। ପୂର୍ବ ଦିଗରେ ଏହି ଆକାରର ଝୋଟି ପକାଇଲେ ଶୁଭଫଳ ପ୍ରାପ୍ତି ହୋଇଥାଏ। ଝୋଟି ପାଇଁ ଲାଲ, ହଳଦିଆ, ସବୁଜ, ଗୋଲାପି, ନାରଙ୍ଗୀ, ଆଦି ବ୍ୟବହାର କରନ୍ତୁ। ଉତ୍ତରମୁଖୀ ଘର ପାଇଁ ଉତ୍ତର ଦିଗରେ ଲହରୀ ଆକାରର ଝୋଟି ଅଙ୍କନ କରନ୍ତୁ। ଏଥିପାଇଁ ହଳଦିଆ, ସବୁଜ ଓ ଆକାଶୀର ରଙ୍ଗ ବ୍ୟବହାର କରନ୍ତୁ। ଏହା ଖୁବ ଶୁଭ। ଦକ୍ଷିଣପୂର୍ବରେ ତ୍ରିକୋଣ ଏବଂ ଦକ୍ଷିଣ ମୁଖୀ ଘରରେ ସୁନ୍ଦର ଆୟତକାରର ଝୋଟି ପକାନ୍ତୁ। ଏଥିପାଇଁ ଗାଢ ଲାଲ, ନାରଙ୍ଗୀ, ଗୋଲାପି ଓ ବାଇଗଣୀ ରଙ୍ଗର ବ୍ୟବହାର କରନ୍ତୁ। ଏହାଦ୍ୱାରା ଆପଣଙ୍କ ଜୀବନରେ ସୁଖ,ଯଶ ଏବଂ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥାଏ। ପଶ୍ଚିମମୁଖୀ ଘରର ପାଇଁ ସୁନେଲି ଓ ଧବଳ ରଙ୍ଗ ଝୋଟି ପାଇଁ ବ୍ୟବହାର କରନ୍ତୁ। ବୃତ୍ତାକାରର ଝୋଟି ଆଙ୍କନ୍ତୁ। ସୁନେଲି ଓ ଧବଳ ରଙ୍ଗ ସହ ଲାଲ, ହଳଦିଆ, ଲାଲ, ହାଲକା ସବୁଜ ରଙ୍ଗ ମଧ୍ୟ ବ୍ୟବହାର କରନ୍ତୁ। ପଞ୍ଚ□କୋଣ ଆକାରର ଝୋଟି ଅଙ୍କନ କରନ୍ତୁ।

କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି



ଭାରତୀୟ ବିବାହରେ ହଳଦୀ, ମେହେନ୍ଦି,ସାତଫେରା ଏବଂ ବରଣମାଳା ଆଦି ରୀତିନୀତି ରହିଥାଏ। ସେଥିମଧ୍ୟରୁ ବରଣମାଳା ରୀତିନୀତିକୁ ସବୁଠାରୁ ମଜାଦାର ଏବଂ ହୃଦୟସ୍ପର୍ଶୀ ବୋଲି ବିବେଚନା କରାଯାଇଥାଏ। ଯେତେବେଳେ କନ୍ୟା ଏବଂ ବର ପରସ୍ପରର ବେକରେ ମାଳା ପିନ୍ଧାନ୍ତି। ସେହି ମୁହୂର୍ତ୍ତ ବିବାହର ଆରମ୍ଭକୁ ଚିହ୍ନିତ କରେ।

କିନ୍ତୁ କେବେ ଭାବିଛନ୍ତି କି କନ୍ୟା ସବୁବେଳେ କାହିଁକି ପ୍ରଥମେ ବରଣମାଳା ପିନ୍ଧାନ୍ତି ? ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ଗଭୀର ଅର୍ଥ ତଥା ଅନେକ ଶୁଭ ସଙ୍କେତ ବହନ କରିଥାଏ। ଏହି ରୀତି କେବଳ ଏକ 'ଫଟୋ ମୁହୂର୍ତ୍ତ' ନୁହେଁ, ବରଂ ପ୍ରେମ, ସମ୍ମାନ ଏବଂ ଗ୍ରହଣର ଏକ ସୁନ୍ଦର ବାର୍ତ୍ତା ବହନ କରେ। କୁହାଯାଏ ଯେ, ଏହି ମୁହୂର୍ତ୍ତରେ, କନ୍ୟା ତାଙ୍କ ବରକୁ ସମ୍ପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରିଥାନ୍ତି।

ଏଥିରେ ବର ତାଙ୍କର ସମ୍ମତି ପ୍ରକାଶ କରିଥାନ୍ତି। ଶାସ୍ତ୍ରଜ୍ଞଙ୍କ ଅନୁସାରେ, ଏହି ରୀତି ସିଧାସଳଖ ଶିବ ଏବଂ ପାର୍ବତୀଙ୍କ ବିବାହ ସହିତ ଜଡିତ। ଯାହା ବୈବାହିକ ଜୀବନରେ ସୁଖ, ସମୃଦ୍ଧି ଏବଂ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିଥାଏ।

କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି ?

ବିବାହକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। କୁହାଯାଏ ଯେ, ଏହି ସମୟରେ ବର ଏବଂ କନ୍ୟାଙ୍କୁ ଭଗବାନ ଶିବ ଏବଂ ଦେବୀ ପାର୍ବତୀ ଭାବରେ ପୂଜା କରାଯାଏ। ବରଣମାଳା ରୀତି ମଧ୍ୟ ସମାନ ଭାବରେ ପବିତ୍ର। ଏହି ରୀତିରେ, କନ୍ୟା ପ୍ରଥମେ ମାଳା ପିନ୍ଧାଇଥାନ୍ତି। କାରଣ ବିବାହରେ ଜଣେ ମହିଳାଙ୍କ ସମ୍ମତି ସର୍ବୋପରି ଗୁରୁତ୍ୱପୂର୍ଣ୍ଣ।

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏପରି କରି ସେ କୁହନ୍ତି, 'ମୁଁ ତୁମକୁ ମୋର ଜୀବନସାଥୀ ଭାବରେ ଗ୍ରହଣ କରୁଛି।' ସେହିପରି ଯେତେବେଳେ ବର କନ୍ୟାଙ୍କୁ ବରଣମାଳା ପିନ୍ଧାନ୍ତି ଏହା ସୂଚିତ କରିଥାଏ ଯେ, 'ମୁଁ ମଧ୍ୟ ତୁମକୁ ସମ୍ପୂର୍ଣ୍ଣ ହୃଦୟ ସହିତ ଗ୍ରହଣ କରୁଛି।'

ଶାସ୍ତ୍ରଜ୍ଞଙ୍କ ଅନୁସାରେ, ବରଣମାଳାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳ ଏବଂ ଶୁକ୍ର ଗ୍ରହଙ୍କର ଶୁଭ ପ୍ରଭାବ ରହିଥାଏ। ଏହି କାରଣରୁ ବିବାହ ସମୟରେ ଏହି ରୀତି ପ୍ରଥମେ କରାଯାଇଥାଏ, ଯାହା ଦ୍ୱାରା ସମ୍ପର୍କ ପ୍ରେମ, ସୌଭାଗ୍ୟ ଏବଂ ଖୁସିରେ ପରିପୂର୍ଣ୍ଣ ହେବ।

ଯେତେବେଳେ କନ୍ୟା ପ୍ରଥମେ ବରଣମାଳା ପିନ୍ଧାନ୍ତି, ଏହା ସୂଚିତ କରେ ଯେ, ସେ ନିଜେ ସେମାନଙ୍କ ସମ୍ପର୍କରେ ପ୍ରେମ ଏବଂ ବୁଝାମଣା ଆରମ୍ଭ କରୁଛନ୍ତି। ଏହା ଦର୍ଶାଏ ଯେ, ଅହଂକାର ନୁହେଁ ବରଂ ପାରସ୍ପରିକ ସମ୍ମାନ ଏବଂ ଘନିଷ୍ଠତା ଯେକୌଣସି ସମ୍ପର୍କକୁ ମଜବୁତ କରେ ।

ଏହି ରୀତି ବୈବାହିକ ଜୀବନରେ ସକାରାତ୍ମକ ପ୍ରଭାବ ଆଣେ ଏବଂ ଉଭୟଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନକୁ ଆହୁରି ଗଭୀର କରେ। ଯେପରି ଭଗବାନ ଶିବ ଏବଂ ମାତା ପାର୍ବତୀ ପ୍ରେମ ଏବଂ ସମାନତା ସହିତ ସେମାନଙ୍କର ସମ୍ପର୍କ ବଜାୟ ରଖନ୍ତି, ସେହିପରି ଏହି ରୀତି ପ୍ରତ୍ୟେକ ଦମ୍ପତିଙ୍କୁ ସମାନ ଭାବନା ସହିତ ବଞ୍ଚିବାକୁ ଶିଖାଇଥାଏ।


'ହଁ' କହିବାର ଏକ ଉପାୟ

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏହା କେବଳ 'ହଁ' କହିବାର ଏକ ଉପାୟ ନୁହେଁ, ବରଂ ଏକ ପ୍ରତିଶ୍ରୁତି ଯେ, ଆମେ ଏକାଠି ରହିବା, ବୁଦ୍ଧିମାନ ଭାବରେ କାର୍ଯ୍ୟ କରିବା ଏବଂ ସମ୍ପର୍କକୁ ପ୍ରାଥମିକତା ଦେବା। ଏହି ରୀତି ବାର୍ତ୍ତା ପ୍ରଦାନ କରେ ଯେ, ବିବାହରେ, କେହି ବଡ଼ କିମ୍ବା ଛୋଟ ନୁହଁନ୍ତି, କିନ୍ତୁ ଉଭୟ ସମାନ। ବରଣମାଳାର ପ୍ରତ୍ୟେକ ଫୁଲ ସମ୍ପର୍କର ପ୍ରତ୍ୟେକ ରଙ୍ଗକୁ ପ୍ରତିନିଧିତ୍ୱ କରିଥାନ୍ତି। ଏହା ଦ୍ୱାରା ଦାମ୍ପତ୍ୟ ଜୀବନରେ ବିଶ୍ୱାସ, ପ୍ରେମ, ସମ୍ମାନ ଏବଂ ସାହଚର୍ଯ୍ୟ ସୃଷ୍ଟି ହୋଇଥାଏ।

ଏହା ଦର୍ଶାଇବାର ଏକ ପ୍ରତୀକାତ୍ମକ ଉପାୟ ଯେ, ବର ଏବଂ କନ୍ୟା ଏବେ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତି ଏକାଠି ନିଆଯିବ ଏବଂ ପ୍ରତ୍ୟେକ ଅସୁବିଧାକୁ ଏକାଠି ସାମ୍ନା କରାଯିବ।

ପ୍ରାୟତଃ, ଲୋକମାନେ ବରଣମାଳା ସମାରୋହକୁ କେବଳ ଏକ 'ମଜାଦାର ମୁହୂର୍ତ୍ତ' ଭାବରେ ଭାବନ୍ତି, କିନ୍ତୁ ଏହା ଏକ ବିବାହର ଆଧ୍ୟାତ୍ମିକ ଆରମ୍ଭ। ଏହି ମୁହୂର୍ତ୍ତ ସହିତ ଆସୁଥିବା ଶକ୍ତି ଏବଂ ଭାବନା ବୈବାହିକ ଜୀବନର ଗତିପଥ ନିର୍ଣ୍ଣୟ କରିଥାଏ।

ଗୃହସ୍ଥ ଧର୍ମର ମହତ୍ତ୍ୱ



ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା ତାଙ୍କ ପକ୍ଷେ ଉଚିତ୍ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ୍ୟ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ୍ୟ ନିଜ ବଡ଼ ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ୍ୟ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।

ଓଡ଼ିଶୀ ରାଗ ମହୋତ୍ସବ ଉଦଯାପିତ

ଭୁବନେଶ୍ୱର,୧୦।୧୧ (ମହାଭାରତ): ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀଦ୍ୱାରା ଆୟୋଜିତ ଦୁଇଦିନବ୍ୟାପୀ '୧୪ତମ ଓଡ଼ିଶୀ ରାଗ ମହୋତ୍ସବ ଓ ପୁରସ୍କାର ପ୍ରଦାନ ଉତ୍ସବ-୨୦୨୬' ଶନିବାର ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଂଚରେ ଉଦଯାପିତ ହୋଇଯାଇଛି। ଭାରତର ସମୃଦ୍ଧ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରା, ବିଶେଷକରି 'ଓଡ଼ିଶୀ ରାଗ ଗାୟନ'ର ଐତିହ୍ୟକୁ ଏହି ଉତ୍ସବରେ ବେଶ୍ ଆକର୍ଷଣୀୟ ଭାବେ ପାଳନ କରାଯାଇଥିଲା।

ନଭେମ୍ବର ୬ ଓ ୭ ତାରିଖରେ ଅନୁଷ୍ଠିତ ଏହି ମହୋତ୍ସବ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ପାରମ୍ପରିକ କଳାକୁ ଉତ୍ସାହିତ କରିବା, ସଂରକ୍ଷଣ କରିବା ଏବଂ ପ୍ରଚାର-ପ୍ରସାର କରିବା ଲକ୍ଷ୍ୟରେ ବିଶିଷ୍ଟ ଶାସ୍ତ୍ରୀୟ ଗାୟକ, ଉଦୀୟମାନ କଳାକାର, ସଙ୍ଗୀତ ଅନୁଷ୍ଠାନ ଏବଂ ସଙ୍ଗୀତପ୍ରେମୀମାନଙ୍କୁ ଏକ ମଂଚରେ ଏକତ୍ରିତ କରିଥିଲା। ମହୋତ୍ସବର ଦ୍ୱିତୀୟ ଦିବସରେ 'ଓଡ଼ିଶୀ ଗାୟନ ସମାବେଶ' ସହିତ ଆରମ୍ଭ ହୋଇଥିଲା। ଏକାଡେମୀର ଏହି ପ୍ରୟାସ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଭାବାନ ଗାୟକ ଓ ଅନୁଷ୍ଠାନଗୁଡ଼ିକୁ ନିଜର କଳାତ୍ମକ ଦକ୍ଷତା ପ୍ରଦର୍ଶନ କରିବା ଏବଂ ଓଡ଼ିଶୀ ରାଗ ଗାୟନର ସମୃଦ୍ଧ ପରମ୍ପରାକୁ ପାଳନ କରିବା ପାଇଁ ଏକ ମଂଚ ଯୋଗାଇ ଦେଇଥିଲା। ସକାଳ ଅଧିବେଶନରେ ଭୁବନେଶ୍ୱରର 'ସ୍ୱରାଭିଷେକ' (ଗୁରୁ ଶ୍ରୀମତୀ ହରପ୍ରିୟା ପତି), 'ଗୁରୁ ରାମହରି ଦାସ ଗୁରୁକୁଳ' (ଗୁରୁ ହିମାଂଶୁ ଶେଖର ସ୍ୱାଇଁ), ଓମ୍ ପ୍ରକାଶ ପଣ୍ଡା (ସ୍ୱତନ୍ତ୍ର ଓଡ଼ିଶୀ ଗାୟନ) ଏବଂ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ(ଶ୍ରୀମତୀ ସଙ୍ଗୀତା ପଣ୍ଡା)ଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

ସନ୍ଧ୍ୟାକାଳୀନ କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ ସମାରୋହ ଏବଂ ଶାସ୍ତ୍ରୀୟ ତ୍ରିବେଣୀ ସଙ୍ଗୀତ ପରିବେଷଣ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କର୍ଣ୍ଣାଟକୀ, ହିନ୍ଦୁସ୍ତାନୀ ଏବଂ ଓଡ଼ିଶୀ ଶାସ୍ତ୍ରୀୟ କଣ୍ଠସଙ୍ଗୀତ ପରମ୍ପରାର ଏକ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୋଇଥିଲା। ଗୁରୁ ସିଂହାରୀ ସମ୍ମାନ ୨୦୨୬ ପଦ୍ମଶ୍ରୀ ଶ୍ରୀମତୀ ଇଲିଆନା ଚିତାରିଷ୍ଟିଙ୍କୁ ପ୍ରଦାନ କରାଯାଇଥିଲା। ସେ ଜଣେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ସୁନାମଧନ୍ୟ ନୃତ୍ୟ ସଂଯୋଜିକା। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନକୁ ସ୍ୱୀକୃତି ଜଣାଇ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।ଭଗବତୀ ସ୍ମୃତି ସମ୍ମାନ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟର ସମୃଦ୍ଧ ପରମ୍ପରା ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ଓ ନିଷ୍ଠାପର ସମର୍ପଣକୁ ସ୍ୱୀକୃତି ଜଣାଇ ଏହି ସମ୍ମାନ ଅର୍ପଣ କରାଯାଇଥିଲା।ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ ୨୦୨୬ ଜଣେ ସୁଦକ୍ଷ ଓଡ଼ିଶୀ କଣ୍ଠଶିଳ୍ପୀ ଡ. ହିମାଂଶୁ ଶେଖର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ତାଙ୍କର କଳାତ୍ମକ ଉତ୍କର୍ଷତା ଏବଂ ଓଡ଼ିଶୀ କଣ୍ଠସଙ୍ଗୀତର ସମୃଦ୍ଧି କ୍ଷେତ୍ରରେ ଅବଦାନକୁ ସ୍ୱୀକୃତି ଜଣାଇ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କର୍ଣ୍ଣାଟକୀ ସଙ୍ଗୀତ ବିଭାଗରେ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଭଉଣୀ ଅନାହିତା ଏବଂ ଅପୂର୍ବା ରବିଚନ୍ଦ୍ରନ ଅଂଶଗ୍ରହଣ କରିଥିଲେ। ସେମାନେ ନିଜର ସୁନ୍ଦର ସଙ୍ଗୀତ ସମନ୍ୱୟ ଏବଂ 'ରାଗ ରେବତୀ'ର ହୃଦୟସ୍ପର୍ଶୀ ଉପସ୍ଥାପନା ମାଧ୍ୟମରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ପ୍ରିୟାଂଶୁ ଘୋଷ ଏବଂ ଲଭଲି ଶର୍ମା 'ରାଗ ବୈରାଗୀ ଭୈରବ' ପରିବେଷଣ କରିଥିଲେ। ଏଥିରୁ ସେମାନଙ୍କର ସଙ୍ଗୀତ ପ୍ରଶିକ୍ଷଣ ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରା ପ୍ରତି ଥିବା ଗଭୀର ଜ୍ଞାନ ଓ ବୋଧଶକ୍ତିର ପରିଚୟ ମିଳିଥିଲା।

ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ମା' ଓ ଝିଅଙ୍କ ଯୋଡ଼ି ସଙ୍ଗୀତା ପଣ୍ଡା ଏବଂ ଶ୍ରୁତି ମିଶ୍ର 'ରାଗ ଖଣ୍ଡ ବଙ୍ଗାଳଶ୍ରୀ' ପରିବେଷଣ କରିଥିଲେ। ସେମାନଙ୍କର ଏହି ପରିବେଷଣ ଓଡ଼ିଶାର ସମୃଦ୍ଧ ସଙ୍ଗୀତ ପରମ୍ପରାକୁ ତଥା ପାରମ୍ପରିକ ସଙ୍ଗୀତ ଐତିହ୍ୟକୁ ଏକ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତର କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ ଭାବେ ଫୁଟାଇ ତୋଳିଥିଲା। ଓଡ଼ିଶାର ଗୌରବମୟ ଶାସ୍ତ୍ରୀୟ ପରମ୍ପରାକୁ ସୁରକ୍ଷିତ ରଖିବା ଏବଂ ଆଗକୁ ବଢ଼ାଇ ନେବା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ବିଶିଷ୍ଟ କଳାକାର ଓ ସାଂସ୍କୃତିକ କର୍ମୀମାନଙ୍କ ଅବଦାନକୁ ସ୍ୱୀକୃତି ଦେବା କ୍ଷେତ୍ରରେ ଏହି ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାଜିଥିଲା। ବିଶିଷ୍ଟ ନୃତତ୍ତ୍ୱବିତ୍ଡକ୍ଟର କିଶୋର କୁମାର ବାସା, ବିଶିଷ୍ଟ ସଂସ୍କୃତ ପଣ୍ଡିତପ୍ରଫେସର ଡକ୍ଟର. ପ୍ରଫୁଲ୍ଲ ମିଶ୍ର, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀଡକ୍ଟର ଅରୁଣା ମହାନ୍ତି, ଡକ୍ଟର. ଓଡ଼ିଶୀ ସଙ୍ଗୀତର ବିଶିଷ୍ଟ ଗବେଷକ, ପଣ୍ଡିତ ଓ ଲେଖକ ଡକ୍ଟରକୀର୍ତ୍ତନ ନାରାୟଣ ପାଢ଼ୀ ଉପସ୍ଥିତ ଥିଲେ।

ରାଜ୍ୟପାଳଙ୍କୁ ଭେଟିଲା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼



ଭୁବନେଶ୍ୱର,୧୦।୧୧ (ମହାଭାରତ): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଏକ ୫ଜଣିଆ ପ୍ରତିନିଧି ଦଳ ରାଜଭବନରେ ଓଡ଼ିଶାର ନୂତନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟରେ ସାମ୍ବାଦିକମାନଙ୍କର ବୃତିଗତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ଼ିଶାର ସାମ୍ବାଦିକ ମାନଙ୍କୁ ପେନସନ ଦେବା ବିଷୟରେ ଆଲୋଚନା ହୋଇଥିଲା। ଦେଶର ପ୍ରାୟ ୨୧ଟି ରାଜ୍ୟରେ ସେଠାକାର ରାଜ୍ୟ ସରକାର ମାନଙ୍କ ପକ୍ଷରୁ ସାମ୍ବାଦିକ ମାନଙ୍କୁ ପେନସନ ଦେବା ନିଷ୍ପତି କାର୍ଯ୍ୟକାରୀ ହେଉଥିବା ବେଳେ ଓଡ଼ିଶାରେ ସାମ୍ବାଦିକମାନେ ସେଥିରୁ ବ□ିତ ହେଉଛନ୍ତି। ଓଡ଼ିଶା ସରକାର ଖୁବ୍ ଶୀଘ୍ର ସାମ୍ବାଦିକମାନଙ୍କୁ ପେନସନ ଦେବା ସମ୍ପର୍କରେ ନିଷ୍ପତି ନେବା ପାଇଁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟପାଳ ଶ୍ରୀ ରାମ ସାମ୍ବାଦିକମାନଙ୍କୁ ପେନସନ ଦେବା ସମେତ ଅନ୍ୟାନ୍ୟ ବୃତିଗତ ସମସ୍ୟା ସମ୍ପର୍କରେ ଧୈର୍ଯ୍ୟର ସହ ଶୁଣିଥିଲେ। ଓଡ଼ିଶାରେ ସାମ୍ବାଦିକମାନଙ୍କୁ ପେନସନ ଦିଆଯାଉନଥିବା ଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ରାଜ୍ୟପାଳ ଶ୍ରୀ ରାମ ଏ ସମ୍ପର୍କରେ ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ରାଜ୍ୟ ସଭାପତି ତଥା ଓଡ଼ିଶା ଭାସ୍କରର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, କଲ୍ୟାଣ ବୋର୍ଡ଼ର ଅନ୍ୟତମ ବରିଷ୍ଠ ଉପଦେଷ୍ଟା ରାଜାରାମ ଶତପଥି ଓ ଏସ୍.ଏ ମନାନ ପ୍ରମୁଖ ସାମିଲ୍ ଥିଲେ।

ଟ୍ରାଫିକ୍ ନିୟମ ମାନନ୍ତୁ : ଆଇଜି

ଭୁବନେଶ୍ୱର,୧୦।୧୧ (ମହାଭାରତ): ଜୀବନ ଅମୂଲ୍ୟ। ଟିକିଏ ଅସାବଧାନତା ଯୋଗୁଁ ନିଜର ଏବଂ ଅନ୍ୟର ଜୀବନ ବିପଦରେ ପଡ଼ିପାରେ। ତେଣୁ ରାସ୍ତାରେ ଗାଡ଼ି ଚଳାଇବା ସମୟରେ ସର୍ବଦା ସତର୍କ ରହିବା ସହ ଟ୍ରାଫିକ୍ ନିୟମକୁ ନିଷ୍ଠାର ସହ ପାଳନ କରିବା ଆବଶ୍ୟକ। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ନିଜ ସୁରକ୍ଷା ପାଇଁ ହେଲମେଟ୍ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରନ୍ତୁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତା ବାର୍ତ୍ତା ଦେଇ ଜନସାଧାରଣଙ୍କୁ ନିବେଦନ କରିଛନ୍ତି କେନ୍ଦ୍ରାଂଚଳ ଆଇଜି ଡଃ ସତ୍ୟଜିତ ନାୟକ।

ଆଇଜି ଡଃ ନାୟକ କହିଛନ୍ତି ଯେ, ହେଲମେଟ୍ କେବଳ ପୋଲିସ କିମ୍ବା ଟ୍ରାଫିକ୍ ବିଭାଗର ନିୟମ ପାଳନ ପାଇଁ ନୁହେଁ, ବରଂ ଏହା ନିଜ ଜୀବନକୁ ସୁରକ୍ଷିତ ରଖିବାର ଏକ ଅତ୍ୟାବଶ୍ୟକ ସୁରକ୍ଷା କବଚ। ଅନେକ ସମୟରେ ଦୁର୍ଘଟଣା ଘଟିବା ପରେ ହେଲମେଟ୍ ନ ପିନ୍ଧିବା ଯୋଗୁଁ ଚାଳକଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥାଏ ଏବଂ ଅନେକ ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଏ। ଯଦି ଆମେ ଯାତ୍ରା ଆରମ୍ଭ ପୂର୍ବରୁ ହେଲମେଟ୍ ପିନ୍ଧିବା ଏବଂ ଟ୍ରାଫିକ୍ ନିୟମ ପାଳନ କରିବା, ତେବେ ଅନେକ ଅପ୍ରୀତିକର ଦୁର୍ଘଟଣାର ଗମ୍ଭୀରତାକୁ କମାଇ ପାରିବା।

ସେ ଆହୁରି କହିଛନ୍ତି ଯେ, ରାସ୍ତାରେ ଗାଡ଼ି ଚଳାଇବା ସମୟରେ ଅନାବଶ୍ୟକ ଭାବେ ଅଧିକ ବେଗରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଡ୍ରାଇଭିଂ କରିବା, ମୋବାଇଲ୍ ଫୋନ୍ ରେ କଥା ହେବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା ଏବଂ ଟ୍ରାଫିକ୍ ସିଗନାଲ୍ ଅବମାନନା କରିବା ଭଳି ଅଭ୍ୟାସରୁ ନିବୃତ୍ତ ରହିବା ଦରକାର। ଦୁଇଚକିଆ ଯାନରେ ଚାଳକଙ୍କ ସହ ପଛରେ ବସିଥିବା ଯାତ୍ରୀ ମଧ୍ୟ ହେଲମେଟ୍ ପିନ୍ଧିବା ଉଚିତ। ସେହିପରି ଚାରିଚକିଆ ଯାନ ଚଳାଇବା ସମୟରେ ସିଟ୍ ବେଲ୍ଟ ବ୍ୟବହାର କରିବା, ଗାଡ଼ିର କାଗଜପତ୍ର ଠିକ୍ ରଖିବା ଏବଂ ରାସ୍ତାରେ ଅନ୍ୟ ଯାତ୍ରୀଙ୍କ ପ୍ରତି ଦାୟିତ୍ୱବାନ ଆଚରଣ ପ୍ରଦର୍ଶନ କରିବା ଆବଶ୍ୟକ।

"ହେଲମେଟ୍ ପିନ୍ଧନ୍ତୁ, ସରକାରଙ୍କ ନିୟମ ପାଳନ କରି ଗାଡ଼ି ଚଳାନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ। ଆପଣଙ୍କ ଜୀବନ କେବଳ ଆପଣଙ୍କର ନୁହେଁ, ଆପଣଙ୍କ ପରିବାରର ମଧ୍ୟ ଅମୂଲ୍ୟ ସମ୍ପଦ। ଘରୁ ବାହାରିବା ପୂର୍ବରୁ ହେଲମେଟ୍ ପିନ୍ଧିବାକୁ ଭୁଲନ୍ତୁ ନାହିଁ। ଦୁର୍ଘଟଣା ପରେ ଅନୁତାପ କରିବା ଅପେକ୍ଷା ପୂର୍ବରୁ ସତର୍କ ରହିବା ଅଧିକ ବୁଦ୍ଧିମାନର କାମ" ବୋଲି ଆଇଜି ଡଃ ସତ୍ୟଜିତ ନାୟକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସଡ଼କ ସୁରକ୍ଷା କେବଳ ପୋଲିସ କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ। ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ।

ନବଜାତ ଶିଶୁକନ୍ୟାକୁ ନୂଆ ଜୀବନ ଦେଲେ ଡାକ୍ତର

ଭୁବନେଶ୍ୱର,୧୦।୧୧ (ମହାଭାରତ): ଡାକ୍ତରମାନଙ୍କ ନିଷ୍ଠା, ଚିକିତ୍ସା ଦକ୍ଷତା ଓ ସମନ୍ୱିତ ପ୍ରୟାସ ଯୋଗୁଁ ଜଟିଳ ଜନ୍ମଗତ ଫୁସଫୁସ ରୋଗରେ ପୀଡ଼ିତ ଏକ ଅପରିପକ୍ୱ ନବଜାତ ଶିଶୁକନ୍ୟାକୁ ନୂଆ ଜୀବନ ଦେବାରେ ସଫଳ ହୋଇଛନ୍ତି ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରୀ ଟିମ୍। ମାତ୍ର ୧୪୭୬ ଗ୍ରାମ୍ ଓଜନର ଏହି ଶିଶୁକନ୍ୟାଟି ଗର୍ଭଧାରଣର ୩୪ ସପ୍ତାହରେ ଜରୁରୀକାଳୀନ ସିଜରିଆନ୍ ଅସ୍ତ୍ରୋପଚାର ମାଧ୍ୟମରେ ଜନ୍ମ ନେଇଥିଲା। ଜନ୍ମ ପରେ ଶିଶୁଟିର ଅବସ୍ଥା ଗୁରୁତର ଥିବାରୁ ତାକୁ ତୁରନ୍ତ ଇନ୍ଟ୍ୟୁବେସନ୍ କରାଯାଇ କୃତ୍ରିମ ଶ୍ୱାସକ୍ରିୟା ଯନ୍ତ୍ର ସହାୟତାରେ ଚିକିତ୍ସା କରାଯାଇଥିଲା। ଗର୍ଭାବସ୍ଥାର ୨୦ ସପ୍ତାହରେ କରାଯାଇଥିବା ଅଲଟ୍ରାସାଉଣ୍ଡ୍ ପରୀକ୍ଷାରୁ ଶିଶୁଟିର ବାମ ଫୁସଫୁସରେ କଂଜେନିଟାଲ୍ ପଲମୋନାରୀ ଏୟାରୱେ ମାଲଫର୍ମେସନ୍ (ସିପିଏଏମ୍) ନାମକ ଏକ ଜନ୍ମଗତ ତ୍ରୁଟି ଥିବା ଜଣାପଡ଼ିଥିଲା। ଏଥିସହ ଫୁସଫୁସରେ ଏକ ଅସ୍ୱାଭାବିକ ଘନ ଅଂଶ ଏବଂ ହୃତ୍‌ପିଣ୍ଡ ଡାହାଣ ପଟକୁ ଘୁଂଚି ରହିଥିବା ମଧ୍ୟ ଦେଖାଯାଇଥିଲା।



ଜନ୍ମ ପରେ ଶିଶୁଟିର ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ଦେଖାଦେବାରୁ ତାକୁ ହାଇ ଫ୍ରିକ୍ୱେନ୍ସି ଅସିଲେସନ୍ (ଏଚ୍‌ଏଫ୍‌ଓ) ଭେଣ୍ଟିଲେସନ୍‌ରେ ରଖାଯାଇଥିଲା। ଛାତିର ସିଟି ସ୍କାନ୍ (ସିଇସିଟି)ରୁ ବାମ ଫୁସଫୁସରେ ବ୍ୟାପକ ସିପିଏଏମ୍ ସହ ଡାହାଣ ପଟ ଫୁସଫୁସରେ ନିମୋଥୋରାକ୍ସ ଥିବା ଜଣାପଡ଼ିଥିଲା। ଶିଶୁ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଏବଂ ୨-ଡି ଇକୋକାର୍ଡିଓଗ୍ରାମ୍ ପରୀକ୍ଷାରୁ ଫୁସଫୁସର ରକ୍ତଚାପ ବୃଦ୍ଧି ବା ପଲମୋନାରୀ ହାଇପରଟେନସନ୍ ମଧ୍ୟ ଜଣାପଡ଼ିଥିଲା। ଶିଶୁଟିର ଜୀବନ ରକ୍ଷା ନିମନ୍ତେ ଜନ୍ମର ୧୫ ଦିନରେ ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ପକ୍ଷରୁ ବାମ ପାର୍ଶ୍ୱର ଫୁସଫୁସ ଅପସାରଣ ଅସ୍ତ୍ରୋପଚାର (ଲେଫ୍ଟ ନ୍ୟୁମୋନେକ୍ଟୋମି) କରାଯାଇଥିଲା। ଏହି ଅସ୍ତ୍ରୋପଚାରରେ ବାମ ଫୁସଫୁସର ଉପର ଓ ତଳ ଦୁଇଟି ଲୋବ୍‌କୁ ବାହାର କରାଯାଇଥିଲା। ଅସ୍ତ୍ରୋପଚାର ପରବର୍ତ୍ତୀ ସମୟ ମଧ୍ୟ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା। ଶିଶୁଟି ପଲମୋନାରୀ ହାଇପରଟେନସନ୍, ସଂକ୍ରମଣ ଓ ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟାରେ ଜଟିଳତାର ସମ୍ମୁଖୀନ ହୋଇଥିଲା। ଏଥିପାଇଁ ଏକାଧିକ ଥର ରକ୍ତର ବିଭିନ୍ନ ଉପାଦାନ ଦେବାକୁ ପଡ଼ିଥିଲା। ଶିରା ମାଧ୍ୟମରେ ତରଳ ପଦାର୍ଥ ଓ ପାରେଂଟେରାଲ୍ ନ୍ୟୁଟ୍ରିସନ୍ ଦିଆଯିବା ସହ ଶ୍ୱାସକ୍ରିୟା ଉପରେ ନିରନ୍ତର ନଜର ରଖାଯାଇଥିଲା। ଡାକ୍ତରମାନଙ୍କ ନିରନ୍ତର ଉଦ୍ୟମ ଓ ଉପଯୁକ୍ତ ଚିକିତ୍ସା ଫଳରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସିଥିଲା। ଜନ୍ମର ୨୪ତମ ଦିନରେ ଶିଶୁଟିକୁ ଭେଂଟିଲେଟରରୁ ବାହାର କରାଯାଇଥିଲା ଏବଂ ୫୦ ଦିନ ବେଳକୁ ବିନା ଅକ୍ସିଜେନ୍‌ରେ ସ୍ୱାଭାବିକ ଭାବେ ଶ୍ୱାସକ୍ରିୟା କରିବାରେ ସକ୍ଷମ ହୋଇଥିଲା। ଏହାର ଏକ ସପ୍ତାହ ପରେ ଶିଶୁଟିକୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। ସେତେବେଳକୁ ଶିଶୁଟି ମାଆଙ୍କ କ୍ଷୀର ଓ ବୋତଲ ମାଧ୍ୟମରେ ଦିଆଯାଉଥିବା ସଂଗୃହୀତ ମାଆ କ୍ଷୀର ଗ୍ରହଣ କରୁଥିବା ସହ ଉପଯୁକ୍ତ ଭାବେ ଓଜନ ବୃଦ୍ଧି କରୁଥିଲା। ତା'ର ସ୍ନାୟୁଗତ ବିକାଶ ସ୍ୱାଭାବିକ ଥିବା ସହ ବିନା ଅକ୍ସିଜେନ୍‌ରେ ରକ୍ତରେ ଅମ୍ଳଜାନର ସ୍ତର ସ୍ୱାଭାବିକ ରହିଥିଲା ଏବଂ ଶ୍ୱାସକ୍ରିୟାରେ କୌଣସି କଷ୍ଟ ନଥିଲା।

ଶିଶୁ ଶଲ୍ୟ ଚିକିତ୍ସା ବିଭାଗର ଡାକ୍ତର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ନେତୃତ୍ୱରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା।

କିଟ୍ ଓ କିସ୍ ପରିଦର୍ଶନରେ ଇସ୍ରାଏଲ୍ ପ୍ରତିନିଧି

ଭୁବନେଶ୍ୱର,୧୦।୧୧ (ମହାଭାରତ): 'ଇଣ୍ଡିଆ ଟ୍ରେକ୍ ଫର ଗ୍ଲୋବାଲ ଲିଡର୍ସ' କାର୍ଯ୍ୟକ୍ରମରେ ଭାରତ ଆସିଥିବା ୨୦ ଜଣିଆ ଉଚ୍ଚସ୍ତରୀୟ ଇସ୍ରାଏଲୀୟ ପ୍ରତିନିଧି ଦଳ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ବୁଲି ଦେଖିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ। ଗତ କାଲି ଏହି ପ୍ରତିନିଧି ଦଳ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ବ୍ୟାଙ୍କିଂ, ଆଇଟି ଆଦି କ୍ଷେତ୍ରରେ ଇସ୍ରାଏଲ୍‌ର ବହୁ ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି କିଟ୍ ଓ କିସ୍ ପରିଦର୍ଶନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି।



ପୂର୍ବରୁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଶିକ୍ଷା ମାଧ୍ୟମରେ ସମାଜର ବିକାଶ ପାଇଁ ଜୀବନବ୍ୟାପୀ କାର୍ଯ୍ୟ ବିଷୟରେ ସେମାନେ ଅବଗତ ଥିଲେ। ଆଜି କିଟ୍ ଓ କିସ୍ ପରିଦର୍ଶନ କରି ସେମାନେ ଅଭିଭୂତ ହୋଇପଡ଼ିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେମାନେ କହିଲେ, ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ନିଜର ଦୃଢ଼ ଇଚ୍ଛା ଶକ୍ତି ବଳରେ କିସ୍ ଭଳି ବିଶ୍ୱସ୍ତରୀୟ ଅନୁଷ୍ଠାନ ଗଢ଼ି ପାରିବେ। ଦୁନିଆରେ ଅନେକ ଲୋକଙ୍କ ପାଖରେ ଭଲ ବିଚାର ଓ ବଡ଼ ସ୍ୱପ୍ନ ରହିଛି। କିନ୍ତୁ ସେହି ସ୍ୱପ୍ନକୁ ବାସ୍ତବ ରୂପ ଦେବାର କ୍ଷମତା ଖୁବ୍ କମ୍ ଲୋକଙ୍କ ପାଖରେ ଥାଏ। ଅଚ୍ୟୁତ ସାମନ୍ତ ଏହାର ଏକ ଉଦାହରଣ। ଶିକ୍ଷା, ମାନବସେବା ଓ ଅବହେଳିତ ସଂପ୍ରଦାୟର ସଶକ୍ତୀକରଣ କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ହାର୍ଭାର୍ଡ କ୍ଲବ୍ ଅଫ୍ ଇସ୍ରାଏଲ ଏବଂ ଇସ୍ରାଏଲ୍ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଅତିଥିମାନେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ଓ ମାନବସେବାକୁ ଉଚ୍ଚ ପ୍ରଶଂସା କରିଥିଲେ।

ସୂଚନାଯୋଗ୍ୟ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଅନୁମତି କ୍ରମେ ଏମାନେ ଭାରତ ପରିଦର୍ଶନ କରୁଛନ୍ତି। ଏହା ସହ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏମାନଙ୍କ ସମସ୍ତ ଗସ୍ତ ଖର୍ଚ୍ଚ ବହନ କରିଥାନ୍ତି। ଏହି ୧୨ ଦିନିଆ କାର୍ଯ୍ୟକ୍ରମରେ ସେମାନେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଦର୍ଶନୀୟ ସ୍ଥାନ ମଧ୍ୟ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। କିଟ୍ ଓ କିସ୍‌ରେ ରହଣି ସମୟରେ ସେମାନେ ଏଠାକାର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ। ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, ଇସ୍ରାଏଲ୍‌ରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରିବା ଗୌରବର ବିଷୟ। ଏଥିପାଇଁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

୨୯ରେ ପାଳନ ହେବ ନୂଆଁଖାଇ ଭେଟଘାଟ

ଭୁବନେଶ୍ୱର,୧୦।୧୧ (ମହାଭାରତ): ରାଜଧାନୀରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ସବୁ ଜିଲ୍ଲାର ଭାଇ ଭଉଣୀ ମାନଙ୍କ ଦ୍ୱାରା ଗଠିତ ହୋଇଥିବା ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ଏକ ଜରୁରୀ କାର୍ଯ୍ୟ କାରିଣୀ ବୈଠକ ମା ସମଲେଇ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଂପାଦିକା ତଥା ପଶ୍ଚିମ ଓଡ଼ିଶାର ମହିଳା ସଶକ୍ତିକରଣ, ଆର୍ଥିକ ସ୍ୱାଧୀନତା ଓ ଆତ୍ମ ବିଶ୍ୱାସ ବୃଦ୍ଧି ତଥା ସାମାଜିକ ସମ୍ମାନ ସୁରକ୍ଷା ପାଇଁ ସେବା ସମର୍ପଣ ଭାବନା ନେଇ ଅହରହ କାର୍ଯ୍ୟ କରି ନିଜକୁ ରାଷ୍ଟ୍ର ନିର୍ମାଣରେ ନିୟୋଜିତ କରିଥିବା ମହିଳା ପ୍ରତିଭା ସ୍ମୃତିଶିଖା ମହାପାତ୍ରଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକାରିଣୀ ବୈଠକରେ ସଂଗଠନର ସମସ୍ତ ବରିଷ୍ଠ ସଦସ୍ୟ ମାନେ ଏକାଠି ହୋଇ ଖୁବ୍ ଶୀଘ୍ର ଏକ ଭବ୍ୟ ସମଲେଇ ମନ୍ଦିର ନିର୍ମାଣ କରିବା ପାଇଁ ଦୃଢ଼ ସଂକଳ୍ପ ପାରିତ କରିଥିଲେ। ସଂଗଠନର ମହାସଚିବ ତଥା ଜଣେ ସୁ-ସଂଗଠକ, ଦକ୍ଷ ପ୍ରଶାସକ, ସଚ୍ଚୋଟ, କର୍ମନିଷ୍ଠ ଓ କର୍ତ୍ତବ୍ୟ ପରାୟଣ ଓ ସ୍ୱାଭିମାନର ସୂର୍ଯ୍ୟ ଦୁଃଖିଶ୍ୟାମ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକରେ ଆସନ୍ତା ୨୯ ତାରିଖରେ ଆଦିବାସୀ ପଡ଼ିଆରେ ଏକ ବିରାଟ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୂଆଁଖାଇ ଭେଟଘାଟ୍' ପାଳନ କରିବାକୁ ସ୍ଥିର କରାଯାଇଥିଲା। ଆରମ୍ଭରେ ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ, ଅସହାୟ, ଗରିବ ମହିଳାଙ୍କ ନ୍ୟାୟ ପାଇଁ ସର୍ବଦା ଲଢ଼େଇ ଜାରି ରଖିଥିବା ଶ୍ରୀ ସଂଜୀବ ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟ ସରକାର ମା' ସମଲେଶ୍ୱରୀ ମନ୍ଦିର ପାଇଁ ଟଙ୍କପାଣି ରୋଡ ସ୍ଥିତ ସାଇ ମନ୍ଦିର ନିକଟରେ ଦେଇଥିବା ଜମି ପରିଦର୍ଶନ ପାଇଁ ଯାଇଥିଲେ ଓ ସମସ୍ତ ବିଧାୟକ ଓ ସାଂସଦ ମାନଙ୍କୁ ଭେଟି ମନ୍ଦିର ନିର୍ମାଣ କାମରେ ସହଯୋଗ କରିବା ପାଇଁ ଆଲୋଚନା କରିବାକୁ ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରଭାସ ସିଂ, ବରିଷ୍ଠ ସ୍ତମ୍ଭକାର ତଥା ଯୁବ ସମାଜର ଆଲୋକ ବର୍ତ୍ତିକା ସ୍ମୃତର୍କିତି ତ୍ରିପାଠୀ, ବରିଷ୍ଠ ବିଜେପି ନେତା ତଥା ଧର୍ମଗଡ଼ ବିଧାୟକଙ୍କ ବ୍ୟକ୍ତି ଗତ ସଚିବ ହୃଷୀକେଶ ପ୍ରଧାନ, ପୂର୍ବତନ ସଭାପତି ଉଦିତ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ପଶ୍ଚିମ ଓଡ଼ିଶାର ଲୋକମାନଙ୍କ ଦୀର୍ଘଦିନର ଦାବି ଓ ଆଶା ପୂରଣ ପାଇଁ ସମସ୍ତେ ଏକ ମନ ହୋଇ କଠିନ ପରିଶ୍ରମ କରି ସମସ୍ତଙ୍କ ସହୋଯୋଗରେ ମାଆଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇନେବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ।

୧୪ରୁ ଏସିଆ ରଗ୍‌ବୀ ଚାମ୍ପିୟନସିପ୍

ଭୁବନେଶ୍ୱର,୧୦।୧୧ (ମହାଭାରତ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬। ରଗ୍‌ବୀ ଇଣ୍ଡିଆ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬' ଆୟୋଜିତ ହେବ। ଏହି ଅନ୍ତର୍ଜାତୀୟ ଚାମ୍ପିୟନସିପ୍ ରେ ୧୦ଟି ଦେଶ ଯଥା ଭାରତ, ହଙ୍ଗକଙ୍ଗ ଚାଇନା, ଉଜବେକିସ୍ତାନ, ଚାଇନିଜ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନ ଦେଶ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭାରତ ପୁରୁଷ ଟିମ୍ ରେ ପୁଷ୍ପେନ୍ଦର (କ୍ୟାପ୍‌ଟେନ), ରଞ୍ଜନ ରାଓ୍ତ (ଭାଇସ୍ କ୍ୟାପ୍‌ଟେନ), ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତ୍,ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ରୋହିତ କୁମାର, ସୁବାସ ହାଁସଦା ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଥିବା ବେଳେ ଭାରତ ମହିଳା ଟିମ୍ ରେ ତନୁଶ୍ରୀ ଭୋଁସଲେ, ମାମାଲି ସିଂ, ଅକ୍ଷୟା ଏନ୍‌ଏସ, ଅନିତା ମୁର୍ମୁ, ଅନୁଷ୍କା ସଙ୍କପାଲ, ଦୀପାଳି ତାଠେ, ଖୁସି ଦେବୀ, କୀର୍ତ୍ତି ଯାଦବ, ଆଦିତି ସଖାରାମ୍ ଲୋନ୍ଧେ, ସଲୋନୀ କୁମାରୀ, ସମୃଦ୍ଧି କଦମ୍, ସୁମିତ୍ରା ମୁର୍ମୁ ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି। ଭାରତ ପୁରୁଷ ଟିମ୍ ରେ ୫ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍,ରାହୁଲ ମାଝୀ, ସୁବାସ ହାଁସଦା) ଓ ଭାରତ ମହିଳା ଟିମ୍ ରେ ୩ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ) ସ୍ଥାନ ପାଇଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍?ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'ର ଲୋଗୋ ଉନ୍ମୋଚିତ ହୋଇଥିଲା।ଏହି ଅନ୍ତର୍ଜାତୀୟ ଚାମ୍ପିୟନସିପ୍ ର ଲୋଗୋରେ ଓଡ଼ିଶାର ପାରମ୍ପରିକ କଳା 'ଝୋଟିଚିତା'କୁ ପ୍ରଦର୍ଶିତ କରାଯାଇଛି।

ଅଙ୍ଗନୱାଡ଼ି ଓ ଅସଙ୍ଗଠିତ ଶ୍ରମିକ ସବୁଠାରୁ ଅଧିକ ଅସୁରକ୍ଷିତ

ଭୁବନେଶ୍ୱର,୧୦।୧୧ (ମହାଭାରତ): କୃଷି, ନିର୍ମାଣ, ଜଙ୍ଗଲ, ପରିବହନ, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀ, ସୁରକ୍ଷାକର୍ମୀ ଓ ଠିକା ଶ୍ରମିକମାନେ ଦେଶରେ ଓ ରାଜ୍ୟରେ ସବୁଠାରୁ ଅଧିକ ଅସୁରକ୍ଷିତ ଓ ସବୁଠାରୁ ଅଧିକ ନିଷ୍ପେଷିତ ବୋଲି ଆଜି ପାଣିକୋଇଲି ଠାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଯାଜପୁର ଜିଲ୍ଲା କଂଗ୍ରେସ ଓ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଉଦ୍‌ବୋଧ ଦେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। କୃଷି ଓ ଜଙ୍ଗଲ ଶ୍ରମିକ ମାନଙ୍କ ପାଇଁ ଏ ଅବଧି ସାମାଜିକ ସୁରକ୍ଷା ଆଇନ କରାଯାଇନାହିଁ। ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ସାମାଜିକ ସୁରକ୍ଷା ସୁରକ୍ଷା ଆଇନ ଥିଲେ ମଧ୍ୟ ଏହା ଠିକ୍‌ ଭାବରେ କାର୍ଯ୍ୟକାରୀ କରାଯାଉନାହିଁ। ପରିବହନ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ନାହିଁ। ଅଙ୍ଗନୱାଡ଼ି କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ଚାଷୀ ମୂଲିଆ ଓ କୃଷକମାନଙ୍କ ପାଇଁ ସାମାଜିକ ସୁରକ୍ଷା



ଆଇନ ପ୍ରଣୟନ କରାଯାଇନାହିଁ। କୃଷି ନିର୍ମାଣ କ୍ଷେତ୍ରରେ ଦୁର୍ଘଟଣାରେ ମୃତ୍ୟୁ ଶ୍ରମିକମାନଙ୍କୁ ରେଳ ଦୁର୍ଘଟଣା ଓ ଅନ୍ୟ ଦୁର୍ଘଟଣା ତୁଳନାରେ ଅନ୍ୟୁନ୍ୟ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ଉଚିତ୍। ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କିଶୋର ଜେନା ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଜଙ୍ଗଲ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଆଇନ ପ୍ରଣୟ କରିବା ଏବଂ ଜଙ୍ଗଲ ଶ୍ରମିକମାନଙ୍କୁ ୧୨ମାସ ବିକଳ୍ପ ଦେବା ପାଇଁ ଦାବୀ କରିଥିଲେ। କାର୍ଯ୍ୟକାରୀ ସଭାପତି ମଦନ ମୋହନ ଧଳ ଅସଂଗଠିତ ଶ୍ରମିକ ଓ ଠିକା ଶ୍ରମିକମାନଙ୍କର ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ସରକାର ଶ୍ରମିକମାନଙ୍କର ଆକ୍ରୋଶ ହେବେ ବୋଲି କହିଛନ୍ତି। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲ୍ଲା ସଭାପତି ନିରଞ୍ଜନ ପରିଡା ପୌରହିତ କରିଥିଲେ। ସୁକୁମାର ଦେଇ , ଦିନବନ୍ଧୁ ଖୁଂଟିଆ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ନନ୍ଦ, ମଧୁସୁଦନ ସାହୁ, ରଘୁନାଥ ମାଝୀ, ହରେକୃଷ୍ଣ ସାହୁ, ତପନ ନାୟକ, ଦିଲ୍ଲୀପ କୁମାର ମଲ୍ଲିକ, ନାରାୟଣ ନାୟକ, ପରମାନନ୍ଦ ସେଠୀ, ନରୋତମ ଧଳ, ଜଗବନ୍ଧୁ ନାୟକ, ଡ. ରାକେଶ କୁମାର ସାହୁ, ନବୀନ ମଲ୍ଲିକ, ସାଗର ରଞ୍ଜନ ପରିଡା, ସୁବାଶିଷ ନାୟକ, ସାଗରିକା ମହନ୍ତ, ଘନ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ସଭାରେ ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ରଘୁନାଥ ମାଝୀ ଓ ଯାଜପୁର ଅଂଚଳର ୧୫ଜଣ ଚାଷୀ ଓ ଶ୍ରମିକ ନେତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଂପ୍ରତିକ ପରିସ୍ଥିତିରେ ବନ୍ୟାରେ କ୍ଷୟକ୍ଷତି ହୋଇଥିବା ଚାଷୀମାନଙ୍କୁ ସଂପୂର୍ଣ୍ଣ ଋଣ ଛାଡ, କ୍ଷୟକ୍ଷତି ପାଇଁ ହେକ୍ଟର ୧୮ ହଜାର ବଦଳରେ ୫୦ ହଜାର ଟଙ୍କା ଦେବା। ସମସ୍ତ ଚାଷୀମାନଙ୍କ ପାଇଁ ଆୟୁଷ୍ମାନ ବୀମା ଓ ବାଛବିଚାର ନ କରି ସମସ୍ତ ଧାନକୁ ୩୧ଶହ ଟଙ୍କାରେ କିଣିବା ଓ ଧାନ କିଣିଲାବେଳେ କଟଣୀ ଛଟଣୀ ବନ୍ଦ କରିବା ଓ ଚାଷୀମାନେ ଧାନ ବିକ୍ରୟ ସମୟରେ ଚାଷୀମାନଙ୍କର ଗାଡି ମିଲ୍ ମାଲିକଙ୍କ ପାଖରେ ୨ ରୁ ୩ ଦିନ ଧରି ପଡିରହିଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି।

ବାଲଟ ପେପରରେ ଭୋଟ

ନିର୍ବାଚନରେ ପରାଜୟ ନିମନ୍ତେ କଂଗ୍ରେସ ଇଭିଏମକୁ ଦାୟୀ କରୁଛି। ବିଜେପି ଇଭିଏମ ମାଧ୍ୟମ;ର ଜନାଦେଶକୁ ଅପହରଣ କରୁଛି ବୋଲି କଂଗ୍ରେସ ଅଭିଯୋଗ କରୁଛି। କହିବା ବାହୁଲ୍ୟ ଯେ, ୨୦୨୪ରେ କେନ୍ଦ୍ରରେ ଯେତେବେଳେ ପ୍ରଥମ ଥର ପାଇଁ ବିଜେପି ବିଜୟ ହାସଲ କରି ସରକାର ଗଠନ କଲା, ସେତେବେଳେ କେନ୍ଦ୍ରରେ କଂଗ୍ରେସ କ୍ଷମତାରେ ଥିଲା। ପରବର୍ତ୍ତୀ ସମୟରେ ଅନେକ ରାଜ୍ୟରେ କଂଗ୍ରେସ ହାରିଛଇ। ଯେଉଁଠି କଂଗ୍ରେସ କ୍ଷମତାରେ ଥାଇ ନିର୍ବାଚନ ହୋଇଛି, ସେଠାରେ ବି ଦଳ ହାରିଛି। ତେଣୁ ସେସବୁ ରାଜ୍ୟରେ ବିଜେପି କିପରି ଇଭିଏମ ଗଡ଼ବଡ଼ କଲା ତାହା ଏକ ବିସ୍ମୟ। ଗତ ୧୨ ବର୍ଷ ଭିତରେ ଦେଶର ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଛି। ଅନେକ ରାଜ୍ୟରେ ବିଜେପି ଜିତିଛି, କିଛି ରାଜ୍ୟରେ ବିରୋଧୀ ଦଳ ବିଜୟ ହାସଲ କରିଛନ୍ତି। ତାମିଲନାଡୁ ଓ କେରଳରେ ବିଜେପି ଜିତି ପାରିନି। ୨୦୨୩ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରସ ବିଜୟୀ ହୋଇଥିଲା ପଞ୍ଜାବ, ହିମାଚଳ ପ୍ରଦେଶ, ତେଲେଙ୍ଗାନା ବିଧାନସଭା ନର୍ବିର୍ବାଚନରେ କଂଗ୍ରେସ ବିଜୟୀ ହୋଇ ସରକାର ଗଠନ କରିଛି। ଯଦି ବିଜେପି ଭୋଟ ଚୋରି କରି ବା ଇଭିଏମ ଗଡ଼ବଡ଼ କରି ନିର୍ବାଚନ ଜିତୁଛି, ତେବେ ତେବେ ସେସବୁ ରାଜ୍ୟରେ କଂଗ୍ରେସ କିପରି ଜିତିଲା? ଏବେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ଜିତିବା ପରେ ମମତା ବାନାର୍ଜୀ ଭୋଟ ଚୋରି ଅଭିଯୋଗ ଆଣିଛନ୍ତି। କିନ୍ତୁ ୨୦୨୨ରେ ମଧ୍ୟ କେନ୍ଦ୍ରରେ ବିଜେପି କ୍ଷମତାସୀନ ଥିଲା। ସେତେବେଳେ କାହିଁକି ବିଜେପି ହାରିଗଲା? ସେତେବେଳେ ମମତା ବାନାର୍ଜୀଙ୍କ ଟିଏମସି କିପରି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା? ଇଭିଏମ ଗଡ଼ବଡ଼ ଅଭିଯୋଗ ଆଜି ପର୍ଯ୍ୟନ୍ତ ପ୍ରମାଣିତ ହୋଇପାରିନାହିଁ। ସୁପ୍ରିମକୋର୍ଟରେ ଏହି ମାମଲା ପୂର୍ବରୁ ଖାରଜ ହୋଇଛି। ଇଭିଏମ ପରିବର୍ତ୍ତେ ବାଲଟ ପେପର ମାଧ୍ୟମରେ ପୁନର୍ବାର ଭୋଟ ଗ୍ରହଣ କରିବାକୁ କଂଗ୍ରେସ, ଟିଏମସି ଓ ଆପ ଭଳି ଦଳମାନେ ଦାବି କରି ଆସୁଛନ୍ତି। ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ହେଲେ ବିଜେପି କଦାପି ଜିତିପାରିବ ନାହିଁ ବୋଲି କଂଗ୍ରେସ କହୁଛି। କିନ୍ତୁ ନିକଟରେ ୪ଟି ବଡ଼ ରାଜ୍ୟର ୨୮ଟି ବିଧାନ ପରିଷଦ ଆସନ ଲାଗି ହୋଇଥିବା ନିର୍ବାଚନରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ସତ୍ତ୍ୱେ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେଲା। ୨୮ଟି ଆସନ ମଧ୍ୟରେ କଂଗ୍ରେସ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ଏକାକି ୧୩ଟି ଆସନରେ ବିଜୟୀ ହେଲା। କର୍ଣ୍ଣାଟକରେ କଂଗ୍ରେସ କ୍ଷମତାସୀନ ଥିବା ସତ୍ତ୍ୱେ ସେଠାରେ ଏନଡିଏ ସମସ୍ତ ୪ଟି ଆସନରେ ବିଜୟୀ ହେଲା। ଏହା କିପରି ସମ୍ଭବ ହେଲା? ସେଠାରେ ଇଭିଏମ ପରିବର୍ତ୍ତେ ବାଲଟ ପେପର ମାଧ୍ୟମରେ ହିଁ ଭୋଟ ଗ୍ରହଣ ହେଉଥିଲା। ନିକଟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ବିଜୟୀ ହେବା ପରେ ମମତା ବାନାର୍ଜୀ ଭୋଟ ଚୋରି ଅଭିଯୋଗ ଆଣିଲେ। କିନ୍ତୁ ପଶ୍ଚିମବଙ୍ଗ ସହିତ ଏକାସଙ୍ଗେ ତାମିଲନାଡୁ ଓ କେରଳ ବିଧାନସଭା ନିର୍ବାଚନ ମଧ୍ୟ ହୋଇଥିଲା। ସେଠାରେ ବିଜେପି କାହିଁକି ବିଜୟୀ ହୋଇପାରିଲା ନାହିଁ, ସେହି ପ୍ରଶ୍ନର ଉତ୍ତର କଂଗ୍ରେସ ପାଖରେ ନାହିଁ। ତେଣୁ ଇଭିଏମ ମାଧ୍ୟମରେ ଭୋଟ ଚୋରି କରି ବିଜେପି ନିର୍ବାଚନ ଜିତୁଛି ବୋଲି କଂଗ୍ରେସ, ଟିଏମସି ଓ ଆପର ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ମିଥ୍ୟା ବୋଲି କୁହାଯାଇପାରେ। ୪ଟି ରାଜ୍ୟ ବିଧାନ ପରିଷଦ ନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଏବେ ଇଭିଏମ ମାଧ୍ୟମରେ ଭୋଟ ଚୋରି ଅଭିଯୋଗ ଲାଗି କଂଗ୍ରେସ ଓ ଆପ ଭଳି ଦଳମାନେ ଦେଶବାସୀଙ୍କ ଆଗରେ କ୍ଷମା ମାଗିବା ଉଚିତ। ଲୋକଙ୍କୁ ମିଛ କହି ସେମାନେ ବିଭ୍ରାନ୍ତ କରିଛନ୍ତି।

ସହାସ୍ୟ ଜୀବନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

“

ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ୍ୟ ଆମ ଦେଶକୁ ଦୌଡୁଛନ୍ତି।

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନ ଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥି, ବନ୍ଧୁବାନ୍ଧବମାନେ ମଧ୍ୟ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି, ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ।

ମହାପୁରୁଷମାନେ, ଈଶ୍ୱରକୋଟୀ ପୁରୁଷମାନେ ଓ ଆଧାତ୍ମିକ ଗବେଷକମାନେ ତାଙ୍କ ଅଭିଜ୍ଞତା ଓ ଦୀର୍ଘ ଅନୁଭୂତିରୁ କହନ୍ତି, ବିରସ ଜୀବନର ପ୍ରମୁଖ କାରଣ ହେଉଛି, ଅତୃପ୍ତ କାମନା ବାସନା। ଆମ୍ଭେମାନେ ମଧ୍ୟ ସଂସାରରେ ଯେତିକି ବର୍ଷ ବିତାଇଲେଣି ନିରପେକ୍ଷ ଭାବେ ଦେଖିଲେ ଏଥିରେ ଏକମତ ହେବା। ଆମ୍ଭେମାନେ କାମନାବାସନା ଶୂନ୍ୟ ହୋଇପାରିବା ନାହିଁ। ଏହା ମଧ୍ୟ ଆମକୁ ଭଲ ଭାବେ ଜଣା ଯେ ଆମର ସମସ୍ତ କାମନା ବାସନା ପୂରଣ ହୋଇପାରିବ ନାହିଁ। ଆମେ ଚାହୁଁଥିବା ଅବଧି ଭିତରେ ପୂରଣ ହୋଇପାରିବ ନାହିଁ, ଆମ ଧନବଳ, ଜନବଳ, ବାହୁବଳ ବା ସାମାଜିକ ବଳ ଦ୍ୱାରା ପୂରଣ ହୋଇପାରିବ ନାହିଁ। ତେଣୁ ଯେତିକି ପୂରଣ ହେଲା ସେତିକିରେ ସନ୍ତୁଷ୍ଟ ହୋଇ ରହିବା ବା କାମନା ବାସନାର ସଂଖ୍ୟା କମାଇ ଦେବା ବିଜ୍ଞତାର ପରିଚୟ ହେବ। ଅପୂର୍ଣ୍ଣତାକୁ ନେଇ ଖୁସି ହେବା ପରିବର୍ତ୍ତେ ଯାହା ପାଇନେ ତାକୁ ଧରି ବସି ଦୁଃଖ କରିବା କି ବିଜ୍ଞତାର ପରିଚୟ?

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହି ପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖର ଦୁଃଖ କେତେ ପରିମାଣରେ ଲାଘବ ହେବ? ହେବ କେବଳ ନିଜ ମାନସିକତା ଦ୍ୱାରା। ରାଜସିକ ଭାବ ସମ୍ପନ୍ନ ବ୍ୟକ୍ତି କହିବେ, 'ନେହିଁ ଛୋଡେଙ୍ଗେ, ପାକର ହିଁ ରହେଙ୍ଗେ' ସେଥିପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ, ପଇସା ଉଡାଇ ଦେବେ, ନେତାଙ୍କୁ ଧରାଧରି କରିବେ ତଥାପି ଯଦି ସଫଳ ନହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ। ଆମ ବିଫଳତାର କାରଣ ଯିଏ ବୋଲି ସେ ଭାବିବେ ତା ଉପରେ ରକ୍ତ ଚାଉଳ ଚୋବାଇବେ। ପରିଣତି ଖରାପରୁ ଅଧିକ ଖରାପ ଆଡ଼କୁ ଯିବ ସିନା, ଭଲଦିନ ଆସିବା ସୁଦୂର ପରାହତ ହୋଇଯିବ। ଯଦି ବି ଭଲଦିନ ଅର୍ଥାତ୍ ଆମ କାମନା ବାସନା ଚରିତାର୍ଥ ହୋଇଯିବ ତାହା ଭୋଗ କରିବାକୁ ଆମ ମନ, ଇନ୍ଦ୍ରିୟ ଓ ଦେହର ଅବସ୍ଥା ଆଉ ଉପଯୁକ୍ତ ହୋଇ ରହି ନଥିବ। ଭୋଗ୍ୟବସ୍ତୁ ଆଉ ସେତେ ଭୋଗ୍ୟ ଜଣାପଡ଼ିବ ନାହିଁ, ତାହା ମାଦକତା ହରାଇ ବସିଥିବ। ଯାହା ମିଳିବ ହରାଇବା ତୁଳନାରେ କାହିଁ କେତେ ପରିମାଣରେ କେତେ ବାଟରେ ଚାଲିଯାଇଥିବ।

ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ୍ୟ ଆମ ଦେଶକୁ ଦୌଡୁଛନ୍ତି। ବହୁ ଅର୍ଥ ବ୍ୟୟ କରି, ବହୁ କଷ୍ଟ ସ୍ୱୀକାର କରି, ନିଜ ଦେଶରେ ବହୁ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି, ବହୁ ସମ୍ପତ୍ତି ଅନ୍ୟକୁ ହସ୍ତାନ୍ତର କରି ଭାରତକୁ ଆସି କ'ଣ ପାଇବେ, କ'ଣ ଏଠାରେ ଶିଖିବେ? ଯାହା ଶିଖିବେ ତା'ର ଉପଯୋଗ କଲେ ଟିକିଏ ହସି ପାରିବେ ମାତ୍ର। ଏଇ ଟିକିଏ ହସ ତାଙ୍କ ପାଇଁ କେତେ ମୂଲ୍ୟବାନ। କେବଳ ତାଙ୍କ ପାଇଁ ନୁହେଁ ଏହା ସମସ୍ତଙ୍କ ପାଇଁ ମୂଲ୍ୟବାନ। ଭାରତୀୟ ମାନଙ୍କ ରକ୍ତରେ ଆଧାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧାତ୍ମିକତା, ତାଙ୍କ ଭାତ ପଖାଳରେ ଆଧାତ୍ମିକତା, ତାଙ୍କ ରାଖି ସୂତାରେ ଆଧାତ୍ମିକତା, ସେମାନେ ଚାଲୁଥିବା ମାଟିରେ ଆଧାତ୍ମିକତା, ସେମାନେ ଗାଉଥିବା ଗୀତରେ ଆଧାତ୍ମିକତା, ସେମାନଙ୍କ ପିତାମାତା ଠାକୁର ଠାକୁରାଣୀ, ସହୋଦର ସହୋଦରା ଠାକୁରଙ୍କ ପ୍ରତିରୂପ। ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ। ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ। ଆଧାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ୍ୟ ସେତିକି। କାରଣ ଆଧାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ। କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ'ଣ ଆଧାତ୍ମିକ ହସ ସହ ତୁଳନା ହୋଇପାରିବ? କେବେହେଲେ ନୁହେଁ।

ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚ କୂଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା। ନିସର୍ତ୍ତ, ନିଃସ୍ୱାର୍ଥ, ନୀରଭିମାନ, ନରହଂକାର ପ୍ରେମଭାବ। କୌଣସି ପ୍ରତ୍ୟାଶା ନରଖି କେବଳ ଭଲ ପାଇବା, ଜୀବନ ପରିସର ଭିତରକୁ ଯିଏ ଆସିଲା ତାକୁ ଭଲ ପାଇବା, ଆମକୁ ହତାଦର କରୁଥିବା ଲୋକକୁ ମଧ୍ୟ ଭଲ ପାଇବା। ଅପମାନ ମଳିପାରେ, ପ୍ରତ୍ୟାଘାତ ମିଳିପାରେ, କେତେଜଣଙ୍କ ପାଖରେ ଠକାମୀରେ ପଡ଼ିଯାଇପାରୁ, ସେଠାରେ ସତର୍କ ହୋଇଯିବା ସିନା ତା'ପ୍ରତି ଘୃଣା ଭାବ ପୋଷଣ କରିବା ନାହିଁ। ସେ କରିଥିବା କର୍ମକୁ ଘୃଣା କରାଯାଉ, ଦେଖିବା ଯେମିତି ତାହା ଆମ ଦ୍ୱାରା ନ ହେଉ, ବ୍ୟକ୍ତିକୁ ଘୃଣା ନକରି ସତର୍କତା ଅବଲମ୍ବନ କରି ନେବାକୁ ହେବ। ଏହି ମାର୍ଗରେ ଚାଲୁ ଚାଲୁ କୌଣସି ଠାରେ ଠୋକର ଖାଇବାକୁ ପଡ଼ିପାରେ। ସେତେବେଳେ ଭାବିବେ ନାହିଁ ଯେ ମୋ ଖୁସି ଭାବ ଯୋଗୁଁ ମୁଁ ଠୋକର ଖାଇଲି। ଅପର ପକ୍ଷର ଠୋକର ଦେବା ଗୁଣ ଯୋଗୁଁ ସେ ଠୋକର ଦେବାକୁ ସୁଯୋଗ ପାଇଲା। ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ। ଆମେ ତ କାହା ଦେହକୁ ପ୍ରେମ କରୁନେ, କାହାଧନକୁ ପ୍ରେମ କରୁନେ, କାହା ସୌନ୍ଦର୍ଯ୍ୟକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ ବୁଦ୍ଧି, ବିଚିକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତ୍‌ଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ। ସେହି ଆତ୍ମା ହିଁ ପ୍ରେମ୍ୟ। ଈଶ୍ୱର ବିଶ୍ୱାସୀମାନେ କହନ୍ତି ଜୀବନରେ ଯାହା ଘଟୁଛି ତାହା ସବୁ ସେହି ଈଶ୍ୱରଙ୍କ ଦ୍ୱାରା ହିଁ ହେଉଛି। ତେଣୁ ଯେଉଁ ପ୍ରତିକୂଳ ପରିସ୍ଥିତିମାନ ଆସିଛି ତାହା ମଧ୍ୟ ସେହି ଈଶ୍ୱରଙ୍କ ଉପହାର ଆମ ପ୍ରତି। ପ୍ରତିକୂଳ ପରିସ୍ଥିତିରେ ଭଲ ଭଲ ଜ୍ଞାନ ଉଦୟ ହୁଏ। ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାର ବୁଦ୍ଧି ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାର୍ଥନାକୁ ବଳବତ୍ତର କରିବାର ଇଚ୍ଛା ଦୃଢ଼ରୁ ଦୃଢ଼ତର ହୋଇଥାଏ। ଭଗବାନଙ୍କ ଇଚ୍ଛାରେ ମିଳୁଥିବା ସବୁକିଛିକୁ ଭଲ ବୋଲି କହିବା ହିଁ ଭକ୍ତି। ଈଶ୍ୱରଙ୍କ କୌଣସି ଉପହାରକୁ ନିନ୍ଦା କରି କେହି କେବେ ତାଙ୍କ ପ୍ରିୟ ହେଲାଣି? ତାଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି। ତେଣୁ ଗୀତା କହେ 'ସନ୍ତୁଷ୍ଟ ସତତଂ ଯୋଗୀ' ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ।

ଅଲିଶା ବଜାର, କଟକ
ଦୂରଭାଷ : ୯୩୩୭୨୪୨୯୫୫

ନିରାପଦ ଓ ବୈଧ ଗର୍ଭପାତ

॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥

ଯେଉଁ ଏକଲା ରହୁଥିବା ଓ ଅବିବାହିତା ମହିଳାମାନଙ୍କର ଗର୍ଭ ଧାରଣ ୨୦ରୁ ୨୪ ସପ୍ତାହ ମଧ୍ୟରେ ରହିଛି, ସେମାନେ ସପ୍ତାହକ ଭିତରେ ନିରାପଦ ଓ ଆଇନଗତ ଗର୍ଭପାତ କରିପାରିବେ ବୋଲି ଅନୁମତି ଦେଇ ସୁପ୍ରିମକୋର୍ଟ ମହିଳାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଶୁଣାଇଛନ୍ତି। ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଓ ତାଙ୍କର ଏକ ବେଞ୍ଚ ୧୯୭୧ରୁ ପ୍ରଣୀତ ଗର୍ଭନଷ୍ଟ ଆଇନାରେ ଗର୍ଭପାତ ଚାହୁଁଥିବା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ରହିଥିବା ଅସତ୍ୟ ପାର୍ଥକ୍ୟକୁ ହଟାଇ ଦେଇଛନ୍ତି। ୫୧ ବର୍ଷର ଉପରୋକ୍ତ ଆଇନରେ ଅବିବାହିତା ମହିଳାମାନେ ଆଇନଗତ ପଦ୍ଧତିରେ ୨୪ ସପ୍ତାହର ଗର୍ଭଧାରଣକୁ ବି ଗର୍ଭପାତ ଜରିଆରେ ଭାଙ୍ଗିବା ପାଇଁ ଅନୁମତି ନଥିଲା। ତଦ୍ୱାରା ଉକ୍ତ ଆଇନ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଲାଗି ଏକ ଅବାସ୍ତବ ତଥା ନିଷ୍ଠା ଦୋହରା ବ୍ୟବସ୍ଥା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା। ଦୁର୍ଭାଗ୍ୟର ବିଷୟ ଯେ, ଆମର ସାମାଜିକ ବ୍ୟବସ୍ଥାରେ ରହି ଆସିଥିବା ପୁରୁଣାକାଳିଆ ଚିନ୍ତାଧାରା ଯେ କେବଳ ବିବାହ ପରେ ହିଁ ଗର୍ଭଧାରଣ ସମ୍ଭବ ତାକୁ ଏହାଦ୍ୱାରା ଆଇନଗତ ମୋହର ଦିଆଯାଇଥିଲା। ସମୟ ବଦଳିବା ସାଙ୍ଗକୁ ମହିଳାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଚଳି ଆସିଥିବା ଦୃଷ୍ଟିଭଙ୍ଗୀକୁ ବଦଳାଇ ସାରିଲାଣି। ସେ ଯାହା ହେଉ ପରିଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗ ବାସ୍ତବବାଦୀ ଅଭାମୁଖ୍ୟ ନେଇଛନ୍ତି।

୧୯୭୧ରେ ଉପରୋକ୍ତ ଆଇନ ଏକଲା ବା ଅବିବାହିତା ଗର୍ଭବତୀ ମହିଳାଙ୍କର ବାଧ୍ୟତାମୂଳକ ଗର୍ଭପାତ ବିରୋଧରେ ଯାଉଥିଲା। ଏଣୁ ସେମାନେ ବେଆଇନ ଭାବରେ ଲୁଚାଇ ଗର୍ଭପାତ କରୁଥିଲେ ଯାହା ନିରାପଦ ନଥିଲା। ତଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିଲା। ବେଆଇନ ଗର୍ଭପାତକୁ ନେଇ ଅନେକ ଡାକ୍ତର, ଘରୋଇ କ୍ଲିନିକ ଓ ସ୍ୱାସ୍ଥ୍ୟକର୍ମୀ ଅଧିକ ଅର୍ଥ ରୋଜଗାର କରୁଥିଲେ। କାରଣ ଅବିବାହିତା ଯୁବତୀ ବା ଏକଲା ରହୁଥିବା ମହିଳା ଗର୍ଭପାତ କରାଇଲେ ବଦନାମର ଆଶଙ୍କା ବଢ଼ିଥାଏ। ଭାରତୀୟ ସମାଜରେ ଏହା ଏକ ବଡ଼ ସମସ୍ୟା। ମହିଳାଙ୍କର ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅପ୍ରିୟ ସତ କଥା ହେଲା ଏକଲା ଓ ଅବିବାହିତା ମହିଳା ଅନେକ ସମୟରେ କମ ବୟସରେ ଗର୍ଭଧାରଣ କରିଥାନ୍ତି। ଯାହା ପୁରୁଷବନ୍ଧୁଙ୍କ ସହ ସମ୍ପର୍କ ଯୋଗୁଁ ଇଚ୍ଛା ବିରୋଧରେ ମଧ୍ୟ ହୋଇଥାଏ। ସେମାନଙ୍କ ପାଇଁ ଆଇନଗତ ନିରାପଦ ଗର୍ଭପାତ ବ୍ୟବସ୍ଥା ଆବଶ୍ୟକ। ନଚେତ ପରବର୍ତ୍ତୀ କାଳରେ ଏହି ମହିଳାମାନେ କେବଳ ଯେ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବେ ତାହା ନୁହେଁ ଅନ୍ୟାନ୍ୟ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ। ଏବେ ସେମାନେ ବୈଧ ଗର୍ଭପାତର ସ୍ୱାଧୀନତା ସୁପ୍ରିମକୋର୍ଟଙ୍କ ଦ୍ୱାରା ପାଇଛନ୍ତି। କିନ୍ତୁ ତାର ଅର୍ଥ ନୁହେଁ ଯେ ତଳସ୍ତରରେ ପରିସ୍ଥିତି ସେମାନଙ୍କ ପାଇଁ ହଠାତ ଅନୁକୂଳ ହୋଇଯିବ। ପ୍ରଜନନ ସ୍ୱାସ୍ଥ୍ୟସେବା ଉଦ୍ୟୋଗ ବିଶେଷ ଭାବରେ ଗର୍ଭପାତ କ୍ଲିନିକ ଗୁଡ଼ିକରେ କାମ କରୁଥିବା ମେଡ଼ିକାଲ ଷ୍ଟାଫ ଯଥା ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସମ୍ପର୍କରେ ସଚେତନ ହେବା ଦରକାର। ଆଇନ ଅନୁସାରେ ବିବାହ ଓ ଗର୍ଭଧାରଣ ମଧ୍ୟରେ ଆଉ କୌଣସି ସମ୍ପର୍କ ନାହିଁ ବୋଲି ସେମାନେ ସମସ୍ତେ ବୁଝି ତଦନୁସାରେ ଗର୍ଭପାତ ଲାଗି ଆସୁଥିବା ମହିଳା ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆବଶ୍ୟକ। ଜଷ୍ଟିସ ଚନ୍ଦ୍ରଚୂଡ଼ ରାୟରେ ସମ୍ବିଧାନର ୨୧ ଓ ୧୪ ଧାରାକୁ ଉଲ୍ଲେଖ କରିଥିବାରୁ ପ୍ରଜନନ ସ୍ୱାଧୀନତାର ବିଚାରଧାରା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ପ୍ରକଟିତ ହୋଇଛି। ଏହାକୁ ଭାରତ ପରି ବିକାଶଶୀଳ ଦେଶରୁ ସମୃଦ୍ଧ ବିଶ୍ୱର ଶ୍ରେଷ୍ଠ ପ୍ରତିନିଧି ଆମେରିକା ଶିକ୍ଷଣୀୟ ସନ୍ଦେଶ ଭାବେ ନେବା କଥା। କାରଣ ଗତ ଜୁନ ମାସରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ସେଠାକାର ମହିଳାଙ୍କର ଗର୍ଭପାତ ଅଧିକାର ଓ ସ୍ୱାଧୀନତାକୁ ନେଇଯାଇଛନ୍ତି। ଯଦିଓ ଆମେରିକାରେ ୧୯୭୩ରେ ସେଠାରେ ଯୁଗାନ୍ତକାରୀ ରୋ ବନାମ ୱେଡ଼ରାୟରେ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଥିଲା କିନ୍ତୁ ଏବେ ଉକ୍ତ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସେହି ପ୍ରଗତିଶୀଳ ରାୟକୁ ଅସିଦ୍ଧ କରିଦେଇଛନ୍ତି। ତଦ୍ୱାରା ଆମେରିକୀୟ ମହିଳାମାନେ ସେମାନଙ୍କ ଗର୍ଭଧାରଣକୁ ରଖିବେ ନା ଭାଙ୍ଗି ଦେବେ ସେହି ସ୍ୱାଧୀନତା ସେମାନେ ହରାଇଛନ୍ତି। ୧୯୭୦ ଦଶକରେ ବିଶ୍ୱବ୍ୟାପୀ ନାରୀ ଆନ୍ଦୋଳନ ସହ ଗଢ଼ି ଉଠିଥିଲା ଯେଉଁଥିରେ ମହିଳାମାନେ ନିଜ ଶରୀର ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଦାବି କରିଥିଲେ। ଭାରତୀୟ ନ୍ୟାୟପାଳିକା ଏହି ସ୍ୱାଧୀନତାକୁ ସମ୍ପ୍ରସାରିତ କରିଥିବାବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ସେ କ୍ଷେତ୍ରରେ ପଛକୁ ଚାଲିଯାଇଛି। ଭାରତରେ ପ୍ରକୃତରେ ୧୯୭୧ରୁ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଛି। ତଦନୁସାରେ ସବୁ ମହିଳା ରେଜିଷ୍ଟ୍ରିଭୁକ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଗର୍ଭଧାରଣର ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରିପାରିବା କଥା। ଗତବର୍ଷ ଆଇନର ସଂଶୋଧନ କରାଯାଇ ଏହି ସମୟ ସୀମାକୁ ୨୪ ସପ୍ତାହ ବଢ଼ାଯାଇଥିଲା। କିନ୍ତୁ ଏହା କେବଳ ବିବାହିତା ମହିଳା ଛାଡ଼ପତ୍ର ପାଇଥିବା ନାରୀ, ବିଧବା, ନାବାଳିକା, ଅକର୍ମଣ୍ୟ ଓ ମାନସିକ ଅସୁସ୍ଥ ମହିଳା, ଯେଉଁମାନଙ୍କର ଭ୍ରୁଣରେ ଗୁରୁତର ଅନିୟମିତତା ରହିଛି ଏବଂ ଯେଉଁମାନେ ଯୌନ ଆକ୍ରମଣ ଓ ଦୁଷ୍କର୍ମରୁ ଗର୍ଭବତୀ ହୋଇଛନ୍ତି ଯେ, ଯେଉଁ ଅବିବାହିତା ମହିଳା ସ୍ୱେଚ୍ଛାରେ କାହା ସହ ସମ୍ପର୍କ ରଖିଥିଲେ ସେ ମଧ୍ୟ ପ୍ରଜନନ ସ୍ୱାଧୀନତାର ଅଧିକାର ପାଇବାକୁ ହକଦାର। ଦାମ୍ପତ୍ୟ ଦୁଷ୍କର୍ମକୁ ନେଇ ବିବାଦ ଉଠିଥିଲେ ମଧ୍ୟ ଏଯାଏ ତାକୁ ଦେଶରେ ଅପରାଧ ବୋଲି ଧରାଯାଇନାହିଁ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏବେକାର ନ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଗର୍ଭପାତ ଆଇନ ଅଧିନରେ ଦୁଷ୍କର୍ମର ସଂଜ୍ଞାରେ ଦାମ୍ପତ୍ୟ ଦର୍ଶନକୁ ବି ଅନ୍ତର୍ଭୁକ୍ତ କରାଯିବା ଉଚିତ। ଦୁଷ୍କର୍ମରୁ ବଞ୍ଚିଥିବା ମହିଳାଙ୍କ ପରି ଯେଉଁ ନାରୀମାନେ ନିଜ ଇଚ୍ଛା ବିରୋଧରେ ସ୍ୱାମୀଙ୍କ ଠାରୁ ଗର୍ଭଧାରଣ କରିଛନ୍ତି ସେମାନେ ମଧ୍ୟ ଯୌନ ପୀଡ଼ିତାଙ୍କ ଶ୍ରେଣୀରେ ସାମିଲ ହେବାକଥା ବୋଲି କୋର୍ଟ କହିଛନ୍ତି। ସମଗ୍ର ରାୟଟି ସ୍ୱାଗତଯୋଗ୍ୟ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬,

ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ

॥ ଇଂ. ପ୍ରକାଶ ଚନ୍ଦ୍ର ଭୂୟାଁ ॥

ମୋବାଇଲ ଜ୍ଞାନର ଗନ୍ତାଘର ପାଲଟିଥିବାବେଳେ ଏହି ମୋବାଇଲ ଏବେ କିଛି କ୍ଷେତ୍ରରେ ବିନାଶର କାରଣ ପାଲଟିଲାଣି। କେଉଁଠି ମୋବାଇଲ ପାଇଁ ଏ ଜୀବନ ହାରିଲାଣି ତ କେଉଁଠି ମୋବାଇଲ ପାଇଁ ନିଜ କର୍ମକ୍ଷେତ୍ରରେ ଜଞ୍ଜାଳ ବଢ଼ିଗଲାଣି। ବିଶେଷକରି ପିଲାମାନଙ୍କ ମୋବାଇଲ ବ୍ୟବହାର କ୍ଷେତ୍ରରେ ସୀମା ଲଂଘୁଥିବାରୁ ଏହା ବଡ଼ ଜଟିଳତମ ଓ ଉତ୍କଟ ଘଟଣା ସଂଗଠିତ କଲାଣି। ଏମିତି ଏକ ସମୟ ଆସିଛି ମୋବାଇଲ ବିନା ବଞ୍ଚିବା ମୁସ୍କିଲ ହୋଇପଡ଼ିଛି। ସ୍ମାର୍ଟଫୋନ ନଥିଲେ ଅନେକ ଜାଗାରେ ଆପଣଙ୍କ କାମ ଅଟକି ଯିବାର ସମ୍ଭାବନା ରହିଛି। ଅନେକ ସମୟରେ ଗାଁର ଗରିବ ନିରକ୍ଷର ଲୋକଙ୍କୁ ମଧ୍ୟ ଇ-ମେଲ ଆଇଡି ଦେବାକୁ କୁହାଯାଉଛି କୌଣସି ଅନଲାଇନ ଆବେଦନ କଲାବେଳେ। ଇ-ମେଲ ଆଇଡି ନ ଦେଲେ କମ୍ପ୍ୟୁଟର ଗ୍ରହଣ କରୁନି ଆବେଦନ। ଗରିବ ଲୋକଟିଏ ଓଳିଏ ଖାଇ ଓଳିଏ ଉପାସ ରହିଲେ ମଧ୍ୟ ତା ପାଖରେ ସ୍ମାର୍ଟଫୋନ ରହିବା ନିହାତି ଦରକାର ଏକଥା ସରକାର କେମିତି ଭାବୁଛନ୍ତି ସେଇଟା ହିଁ ବିଡ଼ମ୍ବନା। ଆମ ସରକାର ହିଁ ଲୋକଙ୍କୁ ମୋବାଇଲ ନିଶାରେ ପକାଇଛନ୍ତି। ସେଇ ମୋବାଇଲରେ କ୍ୟାସଲେସ ନେଣଦେଣ ହୋଇପାରୁଛି। ସାଇବର ଲୁଟେରାମାନେ ଟଙ୍କା ଲୁଟି ନେଲେ ଶୁଣିବାକୁ କେହି ନାହାନ୍ତି। ଆଗକୁ ମୋବାଇଲର ଅଭ୍ୟାସ ଛଡ଼ାଇବା ପାଇଁ ହୁଏତ ଯୋଜନା ମଧ୍ୟ ହୋଇପାରେ। ଯେମିତି ମଦ ନିଶା ଛଡ଼ାଇବା ପାଇଁ ଯୋଜନା କରାଯାଉଛି।

ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ। ପାଠ ଆରମ୍ଭ କରିବା ପାଇଁ ଆଗରୁ ସିଲଟ-ଖଡ଼ି ଦରକାର ହେଉଥିଲା ଏବେ ମୋବାଇଲ ଦରକାର ହେଉଛି। ସେ ପୁଣି ଏମିତି ସେମିତି ମୋବାଇଲ ନୁହେଁ, ସ୍ମାର୍ଟଫୋନ ହେବା ଦରକାର। ନର୍ସରୀ ପିଲାଙ୍କର ମଧ୍ୟ ଅନଲାଇନ କ୍ଲାସ ହେଉଛି। କୋଳର ଛୁଆ ମୋବାଇଲ ନଦେଖିଲେ ଖାଉନି। ଆଗରୁ ଜହ୍ନ ଦେଖାଇ ମା'ମାନ ଖୁଆଉଥିଲେ ପିଲାଙ୍କୁ। ଆଜିର ମମିମାନେ ସ୍ମାର୍ଟଫୋନ ଦେଖାଇ ସେମାନଙ୍କୁ ଖୁଆଉଛନ୍ତି।

ଜନ୍ମ ହେଉ ହେଉ ଏବେ ପିଲାଏ ସ୍ମାର୍ଟଫୋନର ନିଶାରେ ପଡ଼ିଯାଉଛନ୍ତି। ଏଥିରୁ ନିସ୍ତାର ମିଳିବ କେମିତି? ଦିନେ ଏ ନିଶା ପାଇଁ ବିଭିନ୍ନ ଶାରୀରିକ ସମସ୍ୟା ଯେ ନ ଉପୁଜିବ ଏକଥା କହିହେବନି। ଅତ୍ୟଧିକ ମୋବାଇଲ ବ୍ୟବହାର ଫଳରେ ଆଖି ଏବଂ କାନ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ନିକଟରେ ପ୍ରକାଶିତ ମୋବାଇଲ ନିଶା ସମ୍ପର୍କିତ ଏକ ଖବର ଅନେକଙ୍କ ବାପା ମାଆଙ୍କୁ ବିଚଳିତ କରିଥିବ। ମୋବାଇଲ ପାଇଁ ବାଲେଶ୍ୱର ଏବଂ ଖୋର୍ଦ୍ଧାରେ ଦୁଇଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ଖବର ପଢ଼ି ଅନ୍ୟ ବାପାମାଆମାନେ ଚିନ୍ତାରେ ପଡ଼ିଛନ୍ତି। ଖବର ଦୁଇଟି ଏଇଭଳି ଭାଗ୍ୟଶ୍ରୀ ବାଲେଶ୍ୱର ଅନନ୍ତପୁର ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ପାଠ ନପଢ଼ି ମୋବାଇଲ ଦେଖୁଥିଲା। ମୁଣ୍ଡ ଉପରେ ମାଟ୍ରିକ ବୋର୍ଡ଼ ପରୀକ୍ଷା ଥିବାରୁ ମା'ଆକଟ କରିବା ସହିତ ଗାଳି କରିଥିଲେ। ଏତିକିରେ ଭାଗ୍ୟଶ୍ରୀ ନିଜ ଶୋଇବା ଘରେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିଲେ। ଅନ୍ୟ ଘଟଣାଟି ଖୋର୍ଦ୍ଧା ସେଭେନଥ ଡେ' ଆଡ଼ଭେନଟିସ ମିସନାରୀ ବିଦ୍ୟାଳୟର ଅନ୍ତେବାସୀ ଦଶମ ଶ୍ରେଣୀ ଛାତ୍ର ପବିଲାସି ହଷ୍ଟେଲରେ ମୋବାଇଲର ମନାଥିବା ସତ୍ତ୍ୱେ ପାଖରେ ମୋବାଇଲ ରଖିଥିବାରୁ ଛାତ୍ରାବାସ ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ଠାରୁ ମୋବାଇଲ ଛଡ଼ାଇନେବା ପରେ ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଥିଲେ। ପରଦିନ ସକାଳେ ପବିଲାସଙ୍କ ମୃତ ଦେହ ଛାତ୍ରାବାସ ସମ୍ମୁଖ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସ୍ମାର୍ଟଫୋନ ଅଧିକାଂଶ ସମୟରେ କଅଁଳ ବୟସର ପିଲାମାନଙ୍କୁ ବିପଥଗାମୀ କରାଉଛି। ଅନେକ ଆପତ୍ତିଜନକ ତଥ୍ୟ ଏବଂ ଭିଡ଼ିଓ ମଧ୍ୟ ସେମାନେ ଦେଖୁଛନ୍ତି। ଅପରାଧିକ ଚିତ୍ର ଦେଖି ଦେଖି ଅନେକ ସମୟରେ ସେମାନେ ଅପରାଧପ୍ରବଣ ହୋଉଥିବାର ଖବର ମଧ୍ୟ ପ୍ରକାଶ ପାଉଛି। ଅଶ୍ଳୀଳ ଭିଡ଼ିଓ ଦେଖି ନାବାଳକଙ୍କ ପାଖରେ ମଧ୍ୟ ଯୌନ ବିକୃତ ମାନସିକତା ସୃଷ୍ଟି ହେଉଛି। ଫଳରେ କମ ବୟସର ପିଲାଏ ମଧ୍ୟ ଅପରାଧିକ ଘଟଣା ଘଟାଉଛନ୍ତି। ତେଣୁ ମୋବାଇଲ ଠାରୁ ପିଲାଙ୍କୁ କିଭଳି ଦୂରେଇ ରଖାଯାଇପାରିବ ସେ ଦିଗରେ ଚିନ୍ତା କରିବାର ସମୟ ଆସିଛି।

ଟାଟାଷ୍ଟିଲ, ମେରାମୁଣ୍ଡଳୀ, ଢେଙ୍କାନାଳ
ଦୂରଭାଷ : ୭୯୭୮୯୨୭୭୬୫



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ମାଣିକପାଟଣାରେ ବଧୂହତ୍ୟା : ଆଳି ଥାନାରେ ଅଭିଯୋଗ ଦେଲେ ବାପଘର

ଆଳି, (ମହାଭାରତ): ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ଶାଶୂଘରର ଲୋକ ଯୋଜନା ବଦ୍ଧ ଭାବେ ହତ୍ୟା କରି ଥିବା ନେଇ ବାପଘର ପକ୍ଷରୁ ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଧନଞ୍ଜୟ ନାୟକ ଆଳି ଥାନାରେ ଅଭିଯୋଗ କରିଛନ୍ତି ଯେ ୨୦୧୬ ମସିହାରେ ତାଙ୍କ ଝିଅ ଶୁଭଶ୍ରୀଙ୍କୁ ମାଣିକପାଟଣା ଗ୍ରାମର ସତ୍ୟବ୍ରତ ବିଶ୍ୱାଳଙ୍କ ସହିତ ବୈଦିକ ରୀତିରେ ବିବାହ କରାଇଥିଲେ । ସେମାନଙ୍କର ଏକ କନ୍ୟା ରହିଛି । ଝିଅର ସ୍ୱାମୀ ସତ୍ୟବ୍ରତ ତାଙ୍କ ଝିଅକୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ବେଳେ ତାଙ୍କ ସାନବାପା ମଧ୍ୟ ଶୁଭଶ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ନିର୍ଯ୍ୟାତନା ଦେଇଥାନ୍ତି । ତାଙ୍କ ଝିଅ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମଧ୍ୟ ମାରୁଥିଲେ । ସୋମବାର ଦିନ ସତ୍ୟବ୍ରତ ଶ୍ୱଶୁର ଧନଞ୍ଜୟଙ୍କୁ ଫୋନ କରି ଘରେ ପୂଜା ଥିବାରୁ ଶୁଭଶ୍ରୀଙ୍କ ମା କୁ ଆଣିବା ନିମନ୍ତେ ଜଣାଇଥିଲେ । ଧନଞ୍ଜୟ ମେଡିକାଲରେ ଥିବାରୁ ଘରେ ପହଞ୍ଚି କଥାହେବେ ବୋଲି କହିଥିଲେ । ମାତ୍ର ମଙ୍ଗଳବାର ସକାଳେ ଜ୍ୱାଇଁ ସତ୍ୟବ୍ରତ ସ୍ୱଶୁର ଧନଞ୍ଜୟଙ୍କୁ ଫୋନ କରି ଶୁଭଶ୍ରୀର ଅବସ୍ଥା ସଙ୍ଗୀନ ଥିବା ଜଣାଇଥିଲେ କ୍ଷ ଧନଞ୍ଜୟ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇ ମାଣିକପାଟଣାରେ ପହଞ୍ଚିବା ବେଳକୁ ଶୁଭଶ୍ରୀ ର ମୃତ ଦେହ ଘରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅ ବେକରେ କ୍ଷତ ଥିବା ସହ ଚିହ୍ନ ରହିଛି । ଶାଶୂଘରର ଲୋକ ଷଡ଼ଯନ୍ତ୍ର କରି ଶୁଭଶ୍ରୀଙ୍କୁ ମାରି ରଶିରେ ଟାଙ୍ଗୀ ଦେଇ ଶୁଭଶ୍ରୀ ନିଜେ ଆତ୍ମହତ୍ୟା କରିଥିବା କହିଥିଲେ । ଯଦି ଶୁଭଶ୍ରୀ ନିଜେ ଆତ୍ମହତ୍ୟା କଲା ତେବେ ଶାଶୂଘର ଲୋକ କଣ ପାଇଁ ଏ ବିଷୟରେ ଘରକୁ ଜଣାଇଲେନି କିମ୍ବା ପୋଲିସ କୁ ଜଣାଇ ଲେନି ପ୍ରଶ୍ନ କରିଛନ୍ତି । ଏପରିକି ତାଙ୍କ ଜ୍ୱାଇଁ ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ନେଇ ତାଙ୍କ ଝିଅ ବିରୋଧ କରି ଆସୁଥିଲେ । ଯାହାଫଳରେ ତାଙ୍କ ଝିଅକୁ ହତ୍ୟା କରଯାଇଛି । ଶୁଭଶ୍ରୀଙ୍କ ବାପା ଧନଞ୍ଜୟ ଆଳି ଥାନାରେ ପହଞ୍ଚି ଝିଅର ସ୍ୱାମୀ ସତ୍ୟବ୍ରତ ବିଶ୍ୱାଳ,ସାନ ସ୍ୱଶୁର ଅକ୍ଷୟ ବିଶ୍ୱାଳଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଆଳି ପୋଲିସ ମାଣିକପାଟଣାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତ ଶୁଭଶ୍ରୀଙ୍କ ମୃତ ଦେହକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛି । ବୁଧବାର ଦିନ ଶବ ବ୍ୟବଛେଦ କରାଯିବ ବୋଲି ଜଣାପଡିଛି।

ପାରାଦୀପ ବନ୍ଦର କର୍ତୃପକ୍ଷ ଓ ପୂର୍ବତଟ ରେଳବାଇ ମଧ୍ୟରେ ଆଲୋଚନା



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରକୁ ରେଳ ଯୋଗାଯୋଗର ଅଧିକ ସୁଦୃଢ଼ କରିବା ପାଇଁ ପୂର୍ବତଟ ରେଳବାଇର ପିସିଏମଇ ଏ.ରସ୍ତୋଗୀ, ଚିଫ ଓ୍ୱାର୍କସପ୍ ଇଂଜିନିୟର ବିନୟ କୁଜୁରର ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତଙ୍କ ସହିତ ଏକ ଉଚ୍ଚସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି । ପାରାଦୀପ ବନ୍ଦରକୁ ରେଳ ସଂଯୋଗୀକରଣକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା । ସୁରୁଖୁରୁରେ କିପରି ପାରାଦୀପ ବନ୍ଦରକୁ ଏବଂ ବନ୍ଦରରୁ ରେଳ ଚଳାଚଳ କରିବା ସହିତ ରୋଲିଙ୍ଗ ଷ୍ଟକ୍ ମ୍ୟାନେଜମେ□ ସମେତ ଆବଶ୍ୟକୀୟ ସହଯୋଗ ସମ୍ପର୍କରେ ବିସ୍ତୃତ ଭାବେ ବିଚାର ବିମର୍ଶ ହୋଇଥିଲା । ଏହା ଦ୍ୱାରା ପୂର୍ବତଟ ରେଳବାଇ ସହିତ ପାରାଦୀପ ବନ୍ଦର ରେଳ ଚଳାଚଳ କ୍ଷେତ୍ରରେ ଅଧିକ ବିକଶିତ ହୋଇ ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ସୁଦୃଢ଼ ହେବ । ପୂର୍ବତଟ ରେଳବାଇ ସହିତ ମିଳିତ ଭାବେ କାର୍ଯ୍ୟ କରି ଯୋଗାଯୋଗ ଭିତିଭୂମିରେ ଉନ୍ନତି କରିବା ସହିତ ପିଏମ ଗତିଶକ୍ତି ଯୋଜନାକୁ ସାକାର କିବା ସହିତ ଜାତୀୟ ପରିବହନ ଯୋଜନାକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା ।

ଆଇ ଲଭ ବାରକୋଟ ସେଲ୍ଫି ପଏଣ୍ଟ ଉନ୍ମୋଚିତ

ଦେବଗଡ଼ (ମହାଭାରତ): ଆଜି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ ହୋଟେଲ ବାବୁଲୁ କମ୍ପ୍ଲେକ୍ସ ସମ୍ମୁଖରେ 'ଆଇ ଲଭ ବାରକୋଟ 'ନାମରେ ଏକ ସେଲ୍ଫି ପୋଏଣ୍ଟ ସ୍ୱର୍ଗତ ଦଳଗୋବିନ୍ଦ ଗୁରୁଙ୍କ ପରିବାର ପକ୍ଷରୁ ଉନ୍ମୋଚନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ଦଳଗୋବିନ୍ଦ ଗୁରୁଙ୍କ ଧର୍ମ ପତ୍ନୀ ଚଞ୍ଚଳା ଗୁରୁ ଉଦଘାଟନ କରିଥିବାବେଳେ, ପୂଜାରୀ ଖତୁ ମହାପାତ୍ର ସନ୍ତସ ମହାପାତ୍ର, ଲୋକନାଥ ସାହୁ, ଚକ୍ରଧର ବେହେରା ଖାରବେଳ ସାହୁ, ପିଣ୍ଟୁ ଜିତ ଉଦ୍ଘାଟନ ଉତ୍ସବରେ ଯୋଗଦେଇଥିଲେ । ଆମ ବାରକୋଟ ବ୍ଲକରେ ପୂର୍ବରୁ କୈଣସି ସେଲ୍ଫି ପୋଏଣ୍ଟ ନଥିଲା ।ଫଳରେ ବର୍ତ୍ତମାନ କାଳୀପୂଜା ମେଳା ବାରକୋଟ ରେ ଧୁମ ଧାମ ରେ ଚାଲିଥିବା ବେଳେ ଏହି ସେଲ୍ଫି ପୋଏଣ୍ଟ ବାରକୋଟ ବାସୀଙ୍କୁ ଙ୍କୁ ବହୁ ଆକର୍ଷଣ କରିଛି ।

ଗୋ'ମାତାଙ୍କ ଗୋଡ ଧୋଇ ପୂଜାର୍ଚ୍ଚନା କଲେ ଶ୍ରଦ୍ଧାଳୁ

ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ମନ୍ଦିରମାଳିନୀ କୁରାଳ ସ୍ଥିତ ଶ୍ରୀଶ୍ରୀ ରାଧାମୋହନ ଜୀଉ ମଠ ପକ୍ଷରୁ ମଙ୍ଗଳବାର ପବିତ୍ର ଗୋବର୍ଦ୍ଧନ ଉତ୍ସବ ପାଳିତ ହୋଇଥିବାବେଳେ ଏ ଅବସରରେ ମଠ ପ୍ରାଙ୍ଗଣରେ ଗୋ'ମାତା ମାନଙ୍କୁ ପୂଜାର୍ଚ୍ଚନା ସହିତ ଆଳତୀ ପ୍ରଦାନ କରାଯାଇଥିଲା ।ମଠମହନ୍ତ ଶ୍ରୀଶ୍ରୀ ବାଳକୃଷ୍ଣ ଦାସ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଗୋ'ମାତା ମାନଙ୍କ ଗୋଡ଼କୁ ହଳଦୀ ପାଣିରେଧୋଇ ନୂତନ ବସ୍ତ୍ର,ପୁଷ୍ପ ମାଳ,ଚନ୍ଦନ,ସିନ୍ଦୂର ଓ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରାଯିବା ସହିତ ବିଭିନ୍ନ ପ୍ରକାର ପିଠାପଣା,ସେଉ, କଦଳୀ,କମଳା, ଅଙ୍ଗୁର ଇତ୍ୟାଦି ଗୋମାତାଙ୍କୁ ଖୁଆଇ ଦିଆ ଯାଇଥିଲା ।ଆଳତୀ ବେଳେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଗୋମାତାଙ୍କ ପାଦଛୁଇଁ ପ୍ରଣାମ କରିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା ।

ମାଁ ବସ୍ତ୍ରାୟଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ: କୁରସୁଡ଼ ଦଳ ଚାମ୍ପିଅନ୍

ନୂଆପଡା:(ମହାଭାରତ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଙ୍କାପୁର ଗ୍ରାମସ୍ଥିତ ବୈରାଗୀ ଚରଣ ବେହେରା ଖେଳ ପଡ଼ିଆ ଠାରେ ଆୟୋଜିତ ମା' ବସ୍ତ୍ରାୟଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଅତ୍ୟନ୍ତ ଉତ୍ସାହ, ଉଦ୍ଦୀପନା ଏବଂ ମେଳା ପରିବେଶ ମଧ୍ୟରେ ଉଦଯାପିତ ହୋଇଯାଇଛି । ଗ୍ରାମାଞ୍ଚଳର ପ୍ରତିଭାନ୍ୱିତ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।ଆଜିର ଉଦଯାପନୀ ତଥା ଫାଇନାଲ୍ ମ୍ୟାଚରେ କୁରସୁଡ଼ ଏବଂ ଜାମଗାଁ ଫୁଟବଲ ଦଳ ପରସ୍ପରକୁ ଭେଟିଥିଲେ। ଖେଳ ଆରମ୍ଭରୁ ଉଭୟ ଦଳର ଖେଳାଳିମାନେ ଚମତ୍କାର କୌଶଳ ପ୍ରଦର୍ଶନ କରିଥିଲେ। ଏକ ରୋମାଞ୍ଚକର ଏବଂ ଜୋରଦାର



ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମୁକାବିଲାରେ ଶେଷରେ କୁରସୁଡ଼ ଦଳ ବିଜୟୀ ହୋଇ ଚାମ୍ପିଅନ୍ ଟ୍ରଫି ହାତେଇଥିଲା। ଉଭୟ ଦଳର ଖେଳାଳିଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପଡ଼ିଆରେ ଉପସ୍ଥିତ ହଜାର ହଜାର କ୍ରୀଡ଼ାପ୍ରେମୀଙ୍କୁ ମନୋରଞ୍ଜନ ପ୍ରଦାନ କରିଥିଲା। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ଖେଳାଳିମାନଙ୍କୁ ପରିଚିତ ହେବା ସହ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ସ୍ଥାନୀୟ ସରପଞ୍ଚ କୁନୁ ଚରଣ ବେହେରା ଜିଲ୍ଲା ଯୁବ ସଭାପତି ମନୋଜ ଦୀପ, ସମାଜସେବୀ ରେହେମାନ ଖାନ ପ୍ରମୁଖ ଯୋଗଦେଇ ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅତିଥିମାନେ ଗ୍ରାମାଞ୍ଚଳରେ ଏଭଳି କ୍ରୀଡ଼ା ଆୟୋଜନ ଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା, ଭାଇଚାରା ଓ ମାନସିକ ବିକାଶଘଟିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଫଳ ଟୁର୍ଣ୍ଣାମେଣ୍ଟ ଆୟୋଜନରେ କମିଟିର ସଭାପତି ଚମ୍ପେଶ୍ୱର୍ ବେହେରା, ସମ୍ପାଦକ ବ୍ୟାସଦେବ ବେହେରାଙ୍କ ସମେତ ସରପଞ୍ଚ କୁନୁ ଚରଣ ବେହେରା, ବିଷ୍ଣୁ ଚରଣ ବେହେରା, କୁନାଲ ଚରଣ ବେହେରା, ଉଦ୍ଧବ ବେହେରା, ଅନୁପ ବେହେରା, ରୋହିତ ବେହେରା, ପୁରୁଷୋତ୍ତମ ମହାନନ୍ଦ, ମନୋଜ ବେହେରା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଶତାଧିକ କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗ ଯୋଗୁଁ ସମଗ୍ର କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳିତ ଓ ସଫଳ ଭାବେ ସମ୍ପନ୍ନ ହୋଇପାରିଥିଲା।

ଡିଙ୍କିଆ ଚାରିଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ କୋଚିଂ କାର୍ଯ୍ୟକ୍ରମ ଶୁଭାରମ୍ଭ

ପାରାଦୀପ, (ମହାଭାରତ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅଧିନସ୍ଥ ଡିଙ୍କିଆ ଚାରିଦେଶରେ ଜେଏସଡବ୍ଲ୍ୟୁ ପକ୍ଷରୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପ୍ରକଳ୍ପ ଆଗେଇ ଚାଲିଛି । ଏହି ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଡିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ଏହି ତିନିଗୋଟି ପଂଚାୟତର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଗତ ଦକ୍ଷତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ସୋମବାର ଦିନ ଡିଙ୍କିଆସ୍ଥିତ କପ୍ତେଶ୍ୱର ବିଦ୍ୟାପୀଠରେ ମାଗଣା ହାଇସ୍କୁଲ କୋଚିଂ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ପ୍ରକଳ୍ପ ଅଂଚଳର ଶିଶି ଓ କିଶୋର କିଶୋରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ସୁଯୋଗ ବୃଦ୍ଧି କରିବା ସହ ସମାବେଶୀ ବିକାଶ ପ୍ରତି



ସଂସ୍ଥା ଦ୍ୱୟର ନିରନ୍ତର ପ୍ରତିବଦ୍ଧତାର ପ୍ରତିଫଳନ ବୋଲି କମ୍ପାନୀ ପକ୍ଷରୁ ପ୍ରେସ୍ ଇସ୍ତାହାରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ତିନିଗୋଟି ଗ୍ରାମ ପଂଚାୟତର ବିଭିନ୍ନ ସରକାରୀ ସ୍କୁଲର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମାଗଣାରେ ଶିକ୍ଷା ଲାଭ କରିବେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଉପକୃତ ହେବେ ଏହି ଅତିରିକ୍ତ ଶିକ୍ଷା ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ । ପୂର୍ବରୁ ଜେଏସଡବ୍ଲ୍ୟୁ ସମର୍ଥ ଯୁଥ୍ ଡେଭଲପମେଂଟ୍ ସେ□ର ମାଧ୍ୟମରେ ତିନିଗୋଟି ପଂଚାୟତର ଶତାଧିକ ଯୁବକଯୁବତୀ ପ୍ରଶିକ୍ଷଣ ଲାଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଜ ନିଜ କ୍ୟାରିୟର ଗଠନରେ ସହାୟତା କରି ପାରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଜେ. ସୋନାଲ ଉଦଘାଟନ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ପିଲ୍ଲେ ସମ୍ମାଣିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଏଡିଏମ୍ ନିରଂଜନ ବେହେରା, ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର., ଏରସମା ବ୍ଲକ୍ ଉନ୍ନୟନ ଅଧିକାରୀ ବଳଦେବ ବେହେରା,ସମାରୋହରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପ ଉପସଭାପତି ମନୋଜ ସିଂହ, ସହଯୋଗୀ ଉପସଭାପତି ମିତ୍ରଭାନୁ ଚୌଧୁରୀ, ଫାଉଣ୍ଡେସନ୍ ସିଏସଆର୍ ମୁଖ୍ୟ ଅଭିଜିତ ମହାନ୍ତି, ଡିଙ୍କିଆ ପୂର୍ବତନ ସରପଂଚ ଶିଶିର ମହାପାତ୍ର, ଅକ୍ଷୟ ବେହେରା, ପ୍ରଶାନ୍ତ ଲେଙ୍କା, ବିବେକ ସ୍ୱାଇଁ, ଭ୍ରମର ସେଠୀ, ସୁରେଶ ଦାସ, ସ୍ମୃତି ମନ୍ତ୍ରୀ, ଗଡକୁଜଙ୍ଗ ପୂର୍ବତନ ସରପଂଚ ସମ୍ପଦ ବାରିକଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ, ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ ।

ମୋହନା ବ୍ଲକରେ ୬ ମାସରୁ ଉର୍ଦ୍ଧ୍ୱ ହେଲା ସ୍ଥାୟୀ ବିଇଓ ନିଯୁକ୍ତି ନାହିଁ, ଦୁଇ ବ୍ଲକର ଦାୟିତ୍ୱରେ ଜଣେ ଅଧିକାରୀ



ମୋହନା, (ମହାଭାରତ): ଶିକ୍ଷା ବ୍ୟବସ୍ଥାର ସୁଧାର ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଗଜପତି ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ ମୋହନାରେ ଶିକ୍ଷା ବିଭାଗର ପ୍ରଶାସନିକ ଅବହେଳା ଏବେ ସ୍ପଷ୍ଟ ବାରି ହୋଇପଡ଼ିଛି । ୨୬୯ଟି ବିଦ୍ୟାଳୟ ଥିବା ଏହି ବିଶାଳ ବ୍ଲକରେ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ସ୍ଥାୟୀ ବ୍ଲକ ଶିକ୍ଷାଧିକାରୀ (ବିଇଓ) ନିଯୁକ୍ତ ନହେବା ଘଟଣା ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି । ସୂଚନା ଅନୁଯାୟୀ, ମୋହନା ବ୍ଲକରେ ୧୪୫ଟି ପ୍ରାଥମିକ, ୮୦ଟି ଉଚ୍ଚ ପ୍ରାଥମିକ ଓ ୪୪ଟି ଉଚ୍ଚ ବିଦ୍ୟାଳୟ ରହିଛି । ଏଠାରେ ବିଇଓ ଭାବେ କାର୍ଯ୍ୟରତ ନରେନ୍ଦ୍ର ବେହେରା ଗତ ଏପ୍ରିଲ ୩୦ ତାରିଖରେ ଅବସର ନେବା ପରେ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଏବିଇଓ ମଦନ କଅଁର ଦାୟିତ୍ୱ ତୁଲାଇଥିଲେ । ମାତ୍ର ମେ ୨୬ ତାରିଖରୁ ସରକାରୀ ନିର୍ଦ୍ଦେଶକ୍ରମେ ଆର୍?. ଉଦୟଗିରି ବ୍ଲକର ବିଇଓ ବୀରେନ୍ଦ୍ର ମଣ୍ଡଳଙ୍କୁ ମୋହନା ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଫଳରେ ଜଣେ ଅଧିକାରୀଙ୍କ ଉପରେ ଦୁଇଟି ବ୍ଲକର ଗୁରୁଦାୟିତ୍ୱ ନ୍ୟସ୍ତ ହୋଇଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ମୋହନା ଏକ ବିଶାଳ ଓ ଆଦିବାସୀ ଅଧ୍ୟୁଷିତ ବ୍ଲକ ହୋଇଥିବା ସତ୍ତ୍ୱେ ଏଠାରେ ଶିକ୍ଷା ବିଭାଗର ନିୟମିତ ତଦାରଖ ପାଇଁ ସ୍ଥାୟୀ ଅଧିକାରୀ ନିଯୁକ୍ତିକୁ କାହିଁକି ଗୁରୁତ୍ୱ ଦିଆଯାଉନାହିଁ, ତାହା ଏବେ ବଡ଼ ପ୍ରଶ୍ନ । ଦୁଇଟି ବ୍ଲକର ଦାୟିତ୍ୱରେ ଥିବା ଜଣେ ଅଧିକାରୀ ଉଭୟ ବ୍ଲକରେ କିଭଳି ନିୟମିତ ଉପସ୍ଥିତ ରହି ଶିକ୍ଷା ବ୍ୟବସ୍ଥାର ସଠିକ୍ ପରିଚାଳନା ଓ ତଦାରଖ କରିପାରିବେ ? ମୋହନାରେ ବିଇଓଙ୍କ ଶତପ୍ରତିଶତ ଉପସ୍ଥିତି ରହୁନଥିବା ନେଇ ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି । ସରକାର ଶିକ୍ଷାର ବିକାଶ ନାମରେ ଅର୍ଥ ବ୍ୟୟ କରୁଥିବା ବେଳେ ଏକ ବୃହତ୍ତମ ଆଦିବାସୀ ଅଧ୍ୟୁଷିତ ବ୍ଲକରେ ଜଣେ ସ୍ଥାୟୀ ବିଇଓ ନିଯୁକ୍ତ କରିବାରେ ଏତେ ବିଳମ୍ବ କାହିଁକି ? ଏହା କେବଳ ପ୍ରଶାସନିକ ଅବହେଳା ନା ଶିକ୍ଷା ବ୍ୟବସ୍ଥା ପ୍ରତି ଉଦାସୀନତା ? ଏଭଳି ପ୍ରଶ୍ନ ଏବେ ସାଧାରଣରେ ଉଠିଛି । ତୁରନ୍ତ ମୋହନା ବ୍ଲକରେ ଜଣେ ସ୍ଥାୟୀ ବିଇଓ ନିଯୁକ୍ତ କରିବା ସହ ଶିକ୍ଷା ବିଭାଗର ପ୍ରଶାସନିକ ଅଚଳାବସ୍ଥା ଦୂର କରିବାକୁ ବ୍ଲକବାସୀ ଦାବି କରିଛନ୍ତି ।

ମହୁଲମୁଣ୍ଡାରେ 'ପଞ୍ଚତତ୍ତ୍ୱ କଳା ଝଙ୍କାର ପକ୍ଷରୁ କୁନି କଳାକାରଙ୍କ ପ୍ରତିଭା ପ୍ରଦର୍ଶନ, ତିନି ବିଭାଗରେ ପୁରସ୍କାର

ରେଢ଼ାଖୋଲ , (ମହାଭାରତ) : ଆଲୋକର ପର୍ବ ଦୀପାବଳି ଅବସରରେ ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ଅନ୍ତର୍ଗତ ମହୁଲମୁଣ୍ଡା ଗ୍ରାମରେ ପଞ୍ଚତତ୍ତ୍ୱ ଯୁବକ ସଂଘ ପକ୍ଷରୁ 'ପଞ୍ଚତତ୍ତ୍ୱ କଳା ଝଙ୍କାର' ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସଂଘର ସଭାପତି ଆଦିତ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ଅର୍ଜୁନ ଡିଗ୍ରୀ କଲେଜର ଅଧକ୍ଷ ଅଖିଳେନ୍ଦ୍ର ଶାସନୀଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ । କଦଳୀଗଡ଼ ଓ କୁକୁଡ଼ାବାହାଳି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ୪୩ ଜଣ କୁନି କଳାକାର ନୃତ୍ୟ ଓ ବିଭିନ୍ନ କଳା ମାଧ୍ୟମରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ ।

ପୂର୍ବ ଉପକୂଳ ଶ୍ରମିକ ସଂଘ ସମାବେଶ- ନଭେମ୍ବର ୧୭ରେ ଏଏମ୍/ଏନଏସ ବିରୁଦ୍ଧରେ ଧାରଣା

ପାରାଦୀପ, ପାରାଦୀପ, (ମହାଭାରତ): ପାରାଦୀପ ଉପକଣ୍ଠରେ ଥିବା ଆର୍ସେଲର/ ମିତଲ/ନିପ୍ପନ ଷ୍ଟିଲ୍ କମ୍ପାନୀ (ଏଏମ୍/ ଏନଏସ)ଦୀର୍ଘ ଦିନ ଧରି ଶ୍ରମିକମାନଙ୍କ ନାଯ୍ୟ ଦାବୀ ପ୍ରଦାନରେ ଅହେତୁକ ବିଳମ୍ବ କରିଚାଲିଛି । ପ୍ରଶାସନିକ ହସ୍ତକ୍ଷେପକୁ ମଧ୍ୟ କମ୍ପାନୀ ଅଣଦେଖା କରିଚାଲିଛି । କମ୍ପାନୀର ଏମନମାନୀ ଆଉ ଚଳିବନି ତାର ମନମୁଖୀ କାର୍ଯ୍ୟକଳାପର ମୁହଁତୋଡ ଜବାବ ଦେବାକୁ ପୂର୍ବ ଉପକୂଳ ଶ୍ରମିକ ସଂଘ ପ୍ରସ୍ତୁତ ହୋଇଛି ବୋଲି ସୋମବାର ଦିନ ସଂନ୍ଧ୍ୟାରେ ପାରାଦୀପ ନୂଆବଜାରସ୍ଥିତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରମିକ ସୁରକ୍ଷା ସମାବେଶରେ ଆହ୍ୱାନ ଦେଇଛନ୍ତି ସଂଘର ସଭାପତି ପ୍ରକାଶ ତ୍ରିପାଠୀ । ଏହି ସମାବେଶରେ ଭାରତୀୟ ମଜଦୂର ସଂଘ ରାଜ୍ୟ ସଭାପତି ବାଦଲ କୁମାର ମହାରଣା, ସଙ୍ଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ଯୋଗ ଦେଇଥିଲେ । ପାରାଦୀପ ବନ୍ଦର ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ଏଏମ୍/ ଏନଏସ୍‌ର



ମନମାନୀକୁ ଆଉ ବରଦାସ୍ତ କରାଯିବ ନାହିଁ । ଶ୍ରମ ଆଇନ୍ ଉଲ୍ଲଂଘନ କରି ଶ୍ରମିକମାନଙ୍କ ସ୍ୱାର୍ଥକୁ ହତ୍ୟା କରି କମ୍ପାନୀ ଆଉ ଚାଲିବନି ଆମେ ଆଗାମୀ ୧୭ ତାରିଖରେ କମ୍ପାନୀ ଆଗରେ ଧାରଣା ଦେବାକୁ ପ୍ରସ୍ତୁତ ବୋଲି ଘୋଷଣା କରିଥିଲେ । ଏହି ସମାବେଶରେ ବିଏମଏସ୍ ଜିଲ୍ଲା ସଭାପତି ଅବିନାଶ ଦାସ, ପୂର୍ବ ଉପକୂଳ ଶ୍ରମିକ ସଂଘ ସମ୍ପାଦକ ଦିଲ୍ଲୀପ ବଳିୟାରସିଂହ, ଉପସଭାପତି ରତ୍ନାକର ଜେନା ସଂଘର ସଭାପତି ଶଙ୍କରୀ ତ୍ରିପାଠୀଙ୍କ ନେତୃତ୍ୱରେ ଶ୍ରମିକମାନଙ୍କ ସ୍ୱାର୍ଥ ହାସଲ ପାଇଁ ଆମେ ତୟାର ବୋଲି ଘୋଷଣା କରିଥିଲେ ।

ତିନି ମାସ ହେଲା ଶୁଖିଲା ନଳକୂପ, ପାଣି ପାଇଁ ଡହଳବିକଳ ଭାଟିପାରା ଗ୍ରାମବାସୀ !



ରାଇଘର, (ମହାଭାରତ): ପାଣି ହିଁ ଜୀବନ, ହେଲେ ସେହି ଜୀବନର ମୌଳିକ ଆବଶ୍ୟକତା ପାଇଁ ଦୀର୍ଘ ତିନି ମାସ ହେଲା ସଂଘର୍ଷ କରୁଛନ୍ତି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ କୁମୁଲି ପଞ୍ଚାୟତ ଅନ୍ତର୍ଗତ ଭାଟିପାରା ଗ୍ରାମବାସୀ ।
ଗ୍ରାମର ନଳକୂପର ପାଇପ୍ ଖରାପ ହୋଇଯିବାରୁ ତାହାକୁ କାଢ଼ି ଦିଆଯାଇଛି । କିନ୍ତୁ ଦୁଃଖର ବିଷୟ, ଏହାର ବଦଳରେ ନୂତନ ପାଇପ୍ ଲଗାଇବା ପାଇଁ ପଞ୍ଚାୟତରେ ନାହିଁ ବ୍ୟବସ୍ଥା, ବ୍ଲକ୍ ?ରେ ମଧ୍ୟ ଉପଲବ୍ଧ ନାହିଁ । ଫଳରେ ଦିନ ପରେ ଦିନ ବିତୁଥିଲେ ମଧ୍ୟ ଗ୍ରାମବାସୀଙ୍କ ପାଣି ସମସ୍ୟାର ସମାଧାନ ହୋଇପାରୁନାହିଁ ।ପିଇବା ପାଣି ପାଇଁ ଲୋକେ କେତେ ଦିନ ଆଉ ଏମିତି ହନ୍ତସନ୍ତ ହେବେ ? ଗୋଟିଏ ପାଇପ୍ ଅଭାବରୁ ତିନି ମାସ ଧରି ଏକ ଗାଁର ଜଳଯୋଗାଣ ବ୍ୟବସ୍ଥା ଅଚଳ ହୋଇପଡ଼ିବା ପ୍ରଶାସନିକ ତତ୍ପରତା ଉପରେ ବଡ଼ ପ୍ରଶ୍ନ ଉଠାଇଛି ।ସରକାର ଘରେ ଘରେ ପାନୀୟ ଜଳ ଯୋଗାଣର ନାରା ଦେଉଥିବାବେଳେ ଭାଟିପାରା ଗ୍ରାମବାସୀଙ୍କ ପାଇଁ ଗୋଟିଏ ନଳକୂପ ମରାମତି ଏତେ କଷ୍ଟକର କାହିଁକି ? ତୁରନ୍ତ ନୂତନ ପାଇପ୍ ଯୋଗାଇ ନଳକୂପକୁ ସଚଳ କରିବା ସହ ଗ୍ରାମବାସୀଙ୍କ ପାଣି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି ।

ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ଗିରିଗୋବର୍ଦ୍ଧନ ଉତ୍ସବ

ଓଡ଼ଗାଁ, (ମହାଭାରତ)ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ଗୋବର୍ଦ୍ଧନ ଉତ୍ସବ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି ।ମନ୍ଦିରରେ ପ୍ରଭୁଙ୍କର ସନ୍ଧ୍ୟାଆଳତି ପରେ ତିନିଠାକୁରଙ୍କ ଚଳନ୍ତି ପ୍ରତିମା ସିଂହାସନରୁ ଆସି ବିମାନରେ ବିଜେ କରିଥିଲେ । ରୋଷଣୀ ଜାଳି ଘଣ୍ଟଘଣ୍ଟା ମୃଦଙ୍ଗ, କାହାଳୀ ଓ ଛତି ତ୍ରାସଧରି ଥାଟ ପାଟପଟୁଆର ସହକାରେ ନଗର ପରିକ୍ରମାକରି ଠାକୁର ତତ୍କାଳିନ ଦଶହରା ପଡିଆ ତଥା ବର୍ତ୍ତମାନର ତହସିଲ କାର୍ଯ୍ୟାଳୟ ମଧ୍ୟରେ ଥିବା ମଣ୍ଡପରେ ବିଜେ କରିଥିଲେ ।ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀଙ୍କ ଦ୍ୱାରା ସଂସ୍କାରହୋମ ହେବାପରେ ୧୨ ବୋଝ ଚୁଡାଘଷା ଏବଂ ୩ ଆଟିକା ଦୁଗ୍ଧ ଚୁଡା ପ୍ରଭୁଙ୍କ ପାଖରେ ଲାଗି ହୋଇଥିବାବେଳେ ପୂଜାପଣ୍ଡା ବେଣୁଧର ପଣ୍ଡା ଯଥାବିଧି ଉପଚାର ସହିତ ପରମ୍ପରା ଗତ ରାଜଭୋଗ ଅର୍ପଣ କରିଥିଲେ ।ଉତ୍ସବ ସମୟରେ ତହସିଲଦାର,ମନ୍ଦିର ସୁପରଭାଇଜର ଜୀତେନ୍ଦ୍ର ମିଶ୍ର,ପୂଜକ ପରିଷଦର ସମସ୍ତ ସଭ୍ୟ,ରଙ୍ଗଣୀପାଟଣା ସୁବୁଦ୍ଧି ପରିବାର ପ୍ରତିନିଧ ?ଙ୍କ ସହିତ ଓଡ଼ଗାଁ ପୁଲିସ ପ୍ରଶାସନ ଉପସ୍ଥିତ ଥିଲେ ।



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ବୃଓଙ୍ଗ ବାସଚ୍ୟୁତଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା, ୧୮ ଅଭିଯୋଗର ଶୁଣାଣି



ଦଶପଲ୍ଲା,(ମହାଭାରତ): ବୃହତ ବୃଓଙ୍ଗ ଜଳସେଚନ ପ୍ରକଳ୍ପ ହେବା ଦ୍ୱାରା ପ୍ରାୟ ୪୧ଟି ଗ୍ରାମ ପ୍ରଭାବିତ ହେବେ। ଭିଟାମାଟି ହରାଇବାକୁ ଥିବା ବିସ୍ଥାପିତଙ୍କୁ ନେଇ ଆଜି କୁଲୁରୁକୁମ୍ପା ପଞ୍ଚାୟତ ସ୍ଥିତ ଗୁରହା ଗ୍ରାମରେ ବୃଓଙ୍ଗ ନଦୀବନ୍ଧ ବାସଚ୍ୟୁତ ସଂଗ୍ରାମ ସମିତି ମଞ୍ଚ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ପହଞ୍ଚି ବିସ୍ଥାପିତଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ବୃଓଙ୍ଗ ପ୍ରକଳ୍ପ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋଚନା କରିବା ସହ ବିସ୍ଥାପିତ ହେବାକୁ ଥିବା ଲୋକମାନଙ୍କ ପାଇଁ ସରକାର ଯେଉଁ ସବୁ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରିଛନ୍ତି, ସେ ଉପରେ ବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବରୁ ବିସ୍ଥାପିତମାନେ ଦେଇଥିବା ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ଯେଉଁ ସୁବିଧା ଗୁଡ଼ିକ ସରକାରଙ୍କ ନିୟମାବଳୀରେ ନାହିଁ, ସେ ନେଇ ଜିଲ୍ଲାପାଳ ସରକାରଙ୍କ ସହ ଆଲୋଚନା କରି ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ, ଦଶପଲ୍ଲା ବିଡ଼ିଓ ଶରତ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ସମାଧାନ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୃଓଙ୍ଗ ନଦୀବନ୍ଧ ବାସଚ୍ୟୁତ ସଂଗ୍ରାମ ସମିତି ମଞ୍ଚର ସମ୍ପାଦକ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବା ବେଳେ ପରାମର୍ଶଦାତା ଶାନ୍ତନୁ କୁମାର ନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୈଠକରେ ବହୁ ସଂଖ୍ୟାରେ ପ୍ରଭାବିତ ଗ୍ରାମର ଲୋକେ ଉପସ୍ଥିତ ଥିବା ଜଣାପଡିଥିଲା।

ବିକଶିତ ଭାରତ ଯୁବ ସଂସଦ ୨୦୨୭ କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଏସ୍.କେ.ସି.ଜି. ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ମେରା ଯୁବ ଭାରତ, ଗଜପତି ପକ୍ଷରୁ ବିକଶିତ ଭାରତ ଯୁବ ସଂସଦ ୨୦୨୭ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଓ ସଂଯୋଜକ ତଥା ପରୀକ୍ଷା ନିୟନ୍ତକ ଡଃ ବିଘ୍ନେଶ୍ୱର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡଃ ବିପ୍ଳବ ରଞ୍ଜନ ପ୍ରଧାନ, ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଶ୍ରୀ କାନନ ବାଳା ପାତ୍ର, ଇଂରାଜୀ ବିଭାଗର ଅଧ୍ୟାପିକା ଶ୍ରୀ କୋମଳଶିଖା ମଲ୍ଲିକ, ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଡଃ ମଧୁସ୍ମିତା ପ୍ରଧାନ, ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଶ୍ରୀ ବିଦ୍ୟାଧର ସେଠୀ ଏବଂ କୀଟତତ୍ତ୍ୱ ବିଭାଗର ମୁଖ୍ୟ ଡଃ ନିହାଲ ରବୀନ୍ଦ୍ରନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନେତୃତ୍ୱ ଦକ୍ଷତା, ସଂସଦୀୟ ପ୍ରକ୍ରିୟା ଓ ଦେଶ ଗଠନରେ ଯୁବବର୍ଗଙ୍କ ଭୂମିକା ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ। ଏହାପରେ ନିର୍ଦ୍ଧାରିତ ବିଷୟବସ୍ତୁ "ନିଶାମୁକ୍ତ ଯୁବପିଢ଼ି – ବିକଶିତ ଭାରତ" ଉପରେ ଯୁବ ସଂସଦ ବିତର୍କ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇ ନିଶାମୁକ୍ତ ସମାଜ ଗଠନ, ଯୁବପିଢ଼ିଙ୍କ ଦାୟିତ୍ୱ ଏବଂ ବିକଶିତ ଭାରତ ଗଠନରେ ସେମାନଙ୍କ ଅବଦାନ ସମ୍ପର୍କରେ ନିଜ ନିଜର ମତ ଓ ଯୁକ୍ତି ଉପସ୍ଥାପନ କରିଥିଲେ ।ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ମେରା ଯୁବ ଭାରତ କାର୍ଯ୍ୟାଳୟ ପକ୍ଷରୁ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ଜିଲ୍ଲା ଯୁବ ଅଧିକାରୀ ଶ୍ରୀ କିଶୋର ଭେମୁଲାଓ୍ୱାଡାଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ମେରା ଯୁବ ଭାରତର କର୍ମଚାରୀ ଶ୍ରୀ ଭି. ଭବାନୀ ପ୍ରସାଦ, ଶ୍ରୀ ଏ. ମହେଶ୍ୱର ରାଓ ଏବଂ ବିଭିନ୍ନ ବ୍ଲକ୍ ?ର ଯୁବ ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ।

ପିକଅପ୍ ଗାଡ଼ି ଚକା ଫାଟି ଓଲଟିଲା ଅଳ୍ପକେ ବର୍ତ୍ତିଲେ ଚାଳକ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ତୁରୁମୁଙ୍ଗା ଥାନା କେନ୍ଦେଇପଶି ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣା ହୋଇ ଛି। ବୈଦ୍ୟୁତିକ ସାମଗ୍ରୀ ବୋଝେଇ ଏକ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ବିଦ୍ୟୁତ୍ ତାର, ଆଙ୍ଗେଲ୍ ଓ ଟ୍ରାନ୍ସଫର୍ମର ସାମଗ୍ରୀ ଧରି ଏକ ବୋଲେରୋ ପିକଅପ୍ କେନ୍ଦୁଝରରୁ ପାଟଣା ଅଭିମୁଖେ ଯାଉଥିଲା। ତେବେ କେନ୍ଦେଇପଶି ପେଟ୍ରୋଲ ପମ୍ପ ନିକଟରେ ହଠାତ୍ ଗାଡ଼ିଟିର ପଛ ଚକା ଫାଟି ଯାଇଥିଲା। ଫଳରେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ପିକଅପ୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା

ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଓ ଜନଜାତୀୟ ଗୌରବ ସପ୍ତାହ ପାଳିତ



ଦଶପଲ୍ଲା(ମହାଭାରତ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ଜନନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ପବିତ୍ର ଜନ୍ମ ଜୟନ୍ତୀ ତଥା 'ଜନଜାତୀୟ ଗୌରବ ସପ୍ତାହ' ପାଳନ ଅବସରରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ପଞ୍ଚାୟତର ଦାମୋଦରପୁର ଗ୍ରାମରେ ଏକ ଭବ୍ୟ ପାରମ୍ପରିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏବଂ ଅଧିକାର ମିତ୍ର ପ୍ରତିମା ପ୍ରଧାନଙ୍କ ସଂଯୋଜନାରେ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଓ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ 'ମା' ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ' ଦ୍ୱାରା ପାରମ୍ପରିକ ନୃତ୍ୟ, ଗୀତ ଓ କଳା ପ୍ରଦର୍ଶନ କରାଯାଇ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରାଯାଇଥିଲା।କାର୍ଯ୍ୟକ୍ରମରେ ପ୍ରକଳ୍ପ ପରିଚାଳକ ପ୍ରଭାତ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନ ଆଦର୍ଶ, ତ୍ୟାଗ ଓ ଦେଶମାତୃକା ପାଇଁ ତାଙ୍କର ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ 'ଜନଜାତୀୟ ଗୌରବ ସପ୍ତାହ' ପାଳନର ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ବୁଝାଇବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ଯେପରି ପ୍ରକୃତ ଗରିବ ଓ ବଞ୍ଚିତ ଲୋକମାନଙ୍କ ନିକଟରେ ପହଞ୍ଚିପାରିବ, ସେ ନେଇ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହି ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଟିସି ଦେଇ ବିଦା କଲେ ପ୍ରଧାନଶିକ୍ଷକ ପାଠପଢ଼ାରୁ ବଞ୍ଚିତ ହେଲେ କୋମଳମତି ଶିଶୁ, ନିଲମ୍ବନ ଦାବି



ଧାମନଗର:(ମହାଭାରତ)ଶିକ୍ଷା ଅଧିକାର ଆଇନରେ ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ ଜଣେ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଙ୍କୁ ଟ୍ରାନ୍ସଫର ସାର୍ଟିଫିକେଟ୍ (ଟିସି) ଦେଇ ବିଦ୍ୟାଳୟରୁ ବିଦା କରାଯାଇଥିବା ଅଭିଯୋଗ ଏବେ ଧାମନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ୟକ୍ତିଗତ ବିବାଦକୁ କେନ୍ଦ୍ରକରି ଜଣେ କୋମଳମତି ଛାତ୍ରୀଙ୍କ ଶିକ୍ଷା ଅଧିକାରକୁ କ୍ଷୁଣ୍ଣ କରାଯାଇଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ରାଧାବଲ୍ଲଭପୁରସ୍ଥିତ ଜଗୁଲାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ମାସରେ ବିଦ୍ୟାଳୟରେ ପିଲାଙ୍କ ମଧ୍ୟରେ ଏକ ସାମାନ୍ୟ ବଚସା ହୋଇଥିଲା। ଏହାକୁ ନେଇ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଙ୍କ ମା' ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିବା ବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାକୁ ନେଇ ପକ୍ଷରୁ ଅନ୍ୟ ବିଦ୍ୟାଳୟକୁ ଯିବା ନିମନ୍ତେ କୌଣସି ଲିଖିତ ଆବେଦନ କରାଯାଇନଥିବା ଛାତ୍ରୀଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ଫଳରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପାର୍ବତୀ ୨ମସ ହେବ ପାଠପଢ଼ା ବଞ୍ଚିତ ହୋଇଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷା ଅଧିକାର ଆଇନ-୨୦୦୯ର ଧାରା ୫ ଅନୁଯାୟୀ, ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର ସମୟରେ ଶିଶୁଙ୍କ ଶିକ୍ଷା ଅବ୍ୟାହତ ରଖିବାର ବ୍ୟବସ୍ଥା ରହିଛି। ସେହିପରି ଧାରା ୧୬ରେ ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପୂର୍ବରୁ ଶିଶୁଙ୍କୁ ସ୍କୁଲରୁ ବହିଷ୍କାର କରିବା ଉପରେ କଟକଣା ରହିଛି। ଧାରା ୧୭ରେ ଶାରୀରିକ ଦଣ୍ଡ ଓ ମାନସିକ ନିର୍ଯାତନାକୁ ନିଷିଦ୍ଧ କରାଯାଇଛି। ଏହି ଘଟଣାରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ପ୍ରଧାନଶିକ୍ଷକଙ୍କ ବିରୋଧରେ ତଦନ୍ତ କରି ନିଲମ୍ବନ ସମେତ ଦୃଢ଼ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ ପାଇଁ ଦାବି ହୋଇଛି। ଜଣେ ଛୋଟ ଶିଶୁର ଶିକ୍ଷା ଭବିଷ୍ୟତକୁ ନେଇ ଏଭଳି ଅଭିଯୋଗ ଉଠିଥିବାରୁ ଜିଲ୍ଲା ଶିକ୍ଷା ବିଭାଗ ଏହାର ନିରପେକ୍ଷ ତଦନ୍ତ କରି ଛାତ୍ରୀଙ୍କ ପାଠପଢ଼ା ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ହୋଇଛି।

ଉପଖଣ୍ଡ ସ୍ତରୀୟ ଜାତୀୟ ଆଇନ ସେବା ଦିବସ ପାଳିତ



ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ କଲେଜ ଏବଂ ତାଲୁକ ଆଇନ ସେବା ସମିତିର ମିଳିତ ଆନୁକୂଲ୍ୟରେ ଉପଖଣ୍ଡ ସ୍ତରୀୟ ଜାତୀୟ ଆଇନ ସେବା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଇନଗତ ଅଧିକାର, କର୍ତ୍ତବ୍ୟ ଏବଂ ସମାଜରେ ଆଇନର ଶାସନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ କଲେଜର ଅଧକ୍ଷ ପ୍ରଫେସର ଅମୂଲ୍ୟ କୃଷ୍ଣ ପାଢୀ ଏହି ସଭାରେ ଅଧକ୍ଷତା କରି ସମାଜରେ ଏକ ସଚେତନ, ଦାୟିତ୍ୱବାନ ଓ ଆଇନକୁ ସମ୍ମାନ ଦେଉଥିବା ନାଗରିକ ଗଠନରେ ଆଇନ ସାକ୍ଷରତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ସମ୍ମାନନୀୟ ଅତିଥି ଭାବରେ ଉପଖଣ୍ଡର ବରିଷ୍ଠ ବିଚାରପତି ସନ୍ତୋଷ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ବିଭିନ୍ନ ଆଇନଗତ ବ୍ୟବସ୍ଥା, ମୌଳିକ ଅଧିକାର ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ମୂଲ୍ୟବାନ ତଥ୍ୟ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ସଂଯୁକ୍ତା କଚ୍ଛପ, ତୁଷାରକାନ୍ତ କର, ସୁଜିତ୍ କୁମାର ପ୍ରଧାନ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ନିଶୁଳ୍କ ଭାବରେ ମିଳୁଥିବା ବିଭିନ୍ନ ଆଇନସେବା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସହାୟକ ସରକାରୀ ଅଧିବକ୍ତା, ସମାଜସେବୀ, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଫେସର ଅରୁଣ କୁମାର ଶାସନୀ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା ଦ୍ୱିତୀୟ ଦିନ

ଗଜପତି(ମହାଭାରତ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଜପତି ଜିଲ୍ଲାରେ ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା ପାରଳାଖେମୁଣ୍ଡି ଟାଉନ ହଲ୍‌ଠାରେ ଏହି ଚୟନ ପ୍ରକ୍ରିୟା ଦ୍ୱିତୀୟ ଦିନ ରେ ପହଞ୍ଚି ଛି ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରକ୍ରିୟା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ କଳାକାରମାନଙ୍କୁ ଚୟନ କରାଯିବ। ଚୟନିତ ଅନୁଷ୍ଠାନଗୁଡ଼ିକ ଭବିଷ୍ୟତରେ ବିଭାଗ ପକ୍ଷରୁ ପ୍ରାୟୋଜିତ ରାଜ୍ୟ ଓ ଜାତୀୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା ପରିବେଷଣ କରିବାର ସୁଯୋଗ ପାଇବେ। ଆଜି ଦ୍ୱିତୀୟ ଦିନରେ ସଂକୀର୍ତ୍ତନ ମଣ୍ଡଳୀ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ଚୟନ ପ୍ରକ୍ରିୟାରେ ବିଚାରକ ଭାବେ ସ୍ଥାନୀୟ ବିଶିଷ୍ଟ କଳାକାର ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ରଘୁନାଥ ପାତ୍ର, ଅଭିଜ୍ଞ ମଞ୍ଚ କଳାକାର ନୃସିଂହ ଚରଣ ପଟ୍ଟନାୟକ, ବରିଷ୍ଠ ଭାରତଲୀଳା କଳାକାର ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ହରିକୃଷ୍ଣ ବିଶ୍ୱାଳ ଏବଂ ସଂକୀର୍ତ୍ତନ ଗୁରୁ ପ୍ରଫୁଲ୍ଲ ବିଶ୍ୱାଳ ଯୋଗଦେଇଥିଲେ।ବିଚାରକମାନେ କଳାକାରମାନଙ୍କ ପରିବେଷଣର ମୂଲ୍ୟାୟନ କରିବା ସହିତ ଚୟନ ପ୍ରକ୍ରିୟାରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିଥିଲେ। ଏଥିସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର କଳା, ସଂସ୍କୃତି ଓ ପାରମ୍ପରିକ କଳାରୂପକୁ ରାଜ୍ୟ ତଥା ଜାତୀୟସ୍ତରରେ ପରିଚିତ କରାଇବା ଏହି ଚୟନ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକର୍ମରେ ଗଣ ମାଧ୍ୟମ ପ୍ରତି ନିଧି ଉପସ୍ଥିତ ରହି ଖବର ପ୍ରସାରଣ ସକାଶେ ଥିବାର ଦେଖିବାକୁ ମିଳିଛି ।

ଚୋରା କାଠ ଜବତ ଘଟଣା ରେ ଜଣେ କୋର୍ଟ ଚାଲାଣ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ରେଞ୍ଜ କେନ୍ଦୁଜିଆଣି ଫୋରେଷ୍ଟ ବିଟ ଅଞ୍ଚଳ ରୁ ସୋମବାର ଦିନ ଠାକୁରମୁଣ୍ଡା ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜୈନେକ ବ୍ୟକ୍ତି ଙ୍କ ଘରୁ ଶାଳ କାଠ ଜବତ କରିବା ସହ ଘଟଣା ରେ ସମ୍ପୃକ୍ତ ବ୍ୟକ୍ତି ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି କେନ୍ଦୁଜିଆଣି ଗ୍ରାମପାୟତ ସୁନାରିପୋଷି ଗ୍ରାମର ଅନନ୍ତ ଚରଣ ମୁର୍ମୁ (୫୫) ବୋଲି ଜଣା ପଡ଼ିଛି। କୌଣସି ସୂତ୍ର ରୁ ଖବର ପାଇ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଙ୍କ ନେତୃତ୍ୱରେ ଫୋରେଷ୍ଟର ଜିତେନ୍ଦ୍ର ବେହେରା,ପ୍ରଦୀପ କିଶୋର ହାଇବୁରୁ,ସିଙ୍ଗରାୟ ପୁର୍ତ୍ତୀ, ଫୋରେଷ୍ଟ ଗାର୍ଡ ପ୍ରମୋଦ କୁମାର ମହାନ୍ତ, କିଶୋର ପାତ୍ର, ଗାୟତ୍ରୀ ମହାନ୍ତ,ସଂଧାରଣୀ ପଟ୍ଟନାୟକ ସମେତ ଅନ୍ୟ ବନକର୍ମଚାରୀ ମାନେ ସୋମବାର ସକାଳେ ଅନନ୍ତ ଙ୍କ ଘରେ ଚଢ଼ାଉ କରିଥିଲେ।

କୋମଳମତି ଶିଶୁଙ୍କ ଜରିଆରେସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା



ଖୋର୍ଦ୍ଧା,(ମହାଭାରତ) : ସଡ଼କ ଦୁର୍ଘଟଣା ରୋକିବା ସହ ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ପ୍ରତି ସଚେତନତା ସୃଷ୍ଟି ଲକ୍ଷ୍ୟରେ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ସଡ଼କ ସୁରକ୍ଷା ଅଭିଯାନକୁ ନେଇ ମଙ୍ଗଳବାର ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥାନାର ଭାରପ୍ରାପ୍ତ ଅଧିକାରୀ ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ବିଭିନ୍ନ ପୋଲିସ କର୍ମଚାରୀମାନେ ଏହି ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ସଡ଼କରେ ଯାତାୟାତ ସମୟରେ ଅବଲମ୍ବନ କରିବାକୁ ଥିବା ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ବୁଝାଇବା ସହ ଟ୍ରାଫିକ୍ ନିୟମ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ବିଶେଷ କରି ରାସ୍ତା ପାର ହେବା ସମୟରେ ଜେବ୍ରା କ୍ରସିଂ ବ୍ୟବହାର କରିବା, ଟ୍ରାଫିକ୍ ସିଗନାଲ୍ ମାନିବା ଏବଂ ନାବାଳକ ଅବସ୍ଥାରେ କୌଣସି ପ୍ରକାର ମୋଟରଯାନ ଚଳାଇବାରୁ ଦୂରେଇ ରହିବା ନେଇ ପୋଲିସ ପକ୍ଷରୁ ପିଲାମାନଙ୍କୁ ସଚେତନ କରାଯାଇଥିଲା। କେବଳ ନିଜେ ନିୟମ ମାନିବା ନୁହେଁ, ବରଂ ଘରେ ନିଜ ପରିବାର ସଦସ୍ୟଙ୍କୁ ମଧ୍ୟ ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର କରିବାକୁ ମନେ ପକାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍‌ରେ କଥା ହେବା ଭଳି ବିପଜ୍ଜନକ ଅଭ୍ୟାସରୁ ନିବୃତ୍ତ ରହିବା ନେଇ ମଧ୍ୟ ବାର୍ତ୍ତା ଦିଆଯାଇଥିଲା। ଏହା ବ୍ୟତୀତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ସଚେତନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଏବଂ ଓଡ଼ିଆ ଭାଷାରେ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ୍ ଲେଖିବା ସହିତ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସହ ଟ୍ରଫି ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୋଲିସ କର୍ମଚାରୀଙ୍କୁ ନେଇ ଏକ ସଡ଼କ ସୁରକ୍ଷା ସଚେତନତା ରାଲି ବାହାରିଥିବା ବେଳେ ସାଧାରଣ ଲୋକଙ୍କୁ ଟ୍ରାଫିକ୍ ନିୟମ ପାଳନ, ହେଲମେଟ୍ ଓ ସିଟ୍ ବେଲ୍ଟର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯିବା ସହ ଟ୍ରାଫିକ ନିୟମ ପାଳନ କରୁଥିବା ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହା ସହିତ ଅନ୍ୟମାନଙ୍କୁ ମଧ୍ୟ ଏଭଳି ନିୟମ ପାଳନ ପାଇଁ ପ୍ରେରିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସ୍ୱାଗତ କରିବା ସହ ଏଭଳି ଜନ ହିତକର ପଦକ୍ଷେପ ପାଇଁ ଖୋର୍ଦ୍ଧା ଆଦର୍ଶ ଥାନାର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ସଡ଼କ ସୁରକ୍ଷା କେବଳ ପୋଲିସ କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ଛୋଟ ଛୋଟ ସତର୍କତା ଓ ନିୟମ ପାଳନ ଅନେକ ଅମୂଲ୍ୟ ଜୀବନ ବଞ୍ଚାଇପାରିବ। ତେଣୁ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାର ଏହି ବାର୍ତ୍ତାକୁ ଆଗାମୀ ଦିନରେ ଥାନା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ସାଧାରଣ ଜନସମାଗମ ସ୍ଥଳରେ ବ୍ୟାପକ କରିବା ପାଇଁ ଇନ୍ସପେକ୍ଟର ରମେଶ କୁମାର ଦେବତା ପ୍ରକାଶ କରିଥିଲେ।

ବାଇକ୍ ଦୁର୍ଘଟଣାରେ ୨ ଗୁରୁତର, ଜଣେ ଆହତ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜେନାସାହି ଛକ ନିକଟରେ ଆଜି ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୁରୁତର ଦୁଇଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ତାଳପଦା ପଞ୍ଚାୟତ ଅନ୍ତର୍ଗତ ଖୁମଠାଣ ଗ୍ରାମର ଭୁଣ୍ଡା ହୋ (୨୫) ଓ ତରାମରା ପଞ୍ଚାୟତ ଅନ୍ତର୍ଗତ ବାଘମୁଣ୍ଡା ଗ୍ରାମର ନର୍ସିଂ ସଏ (୨୫)ଙ୍କ ସମେତ ଅନ୍ୟ ଜଣେ ଯୁବକ ଗୋଟିଏ ବାଇକ୍‌ରେ କୌଣସି କାମରେ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତା ଦେଇ ଯାଉଥିଲେ। ଏହି ସମୟରେ ଜେନାସାହି ଛକ ନିକଟରେ ବାଇକ୍‌ଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ପରେ ଏକ ଗାଡ଼ି ଯୋଗେ ସମସ୍ତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଆହତମାନଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ତେବେ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ନିମନ୍ତେ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଅନ୍ୟ ଜଣଙ୍କର ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ଖବର ପାଇ ଠାକୁରମୁଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି ।

ସୁପ୍ରିମକୋର୍ଟ ବଡ଼ ରାୟ

ଜେଜେବାପାଙ୍କ ସମ୍ପତ୍ତିରେ ନାତିଙ୍କ ଅଧିକାର ନାହିଁ !

ନୂଆଦିଲ୍ଲୀ,୧୦।୧୧: ଜେଜେବାପାଙ୍କ ସମ୍ପତ୍ତି ଉପରେ ନାତିଙ୍କ ରହିଛି କି ଜନ୍ମଗତ ଅଧିକାର ? ବାପା ଥାଉ ଥାଉ ଜେଜେବାପାଙ୍କ ସମ୍ପତ୍ତିରେ ଭାଗ ମାଗିପାରିବେ କି ନାତି ? ଏହି ପ୍ରଶ୍ନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ହିନ୍ଦୁ ଉତ୍ତରାଧିକାର ଆଇନ, ୧୯୫୬ର ଧାରା ୮ ଅନୁସାରେ, ବାପା ଜୀବିତ ଥିବା ସମୟରେ ନାତିଙ୍କର ଜେଜେବାପାଙ୍କ ସମ୍ପତ୍ତି ଉପରେ ସ୍ୱତନ୍ତ୍ର ଉତ୍ତରାଧିକାର ଅଧିକାର ନାହିଁ। ଜଷ୍ଟିସ୍ ଜର୍ଜ ଅଗଷ୍ଟିନ୍ ମାସିହ ଓ ଜଷ୍ଟିସ୍ ସୁନିତା ଅଗ୍ରୱାଲଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। କୋର୍ଟଙ୍କ କହିବା ଅନୁସାରେ, ଜଣେ ହିନ୍ଦୁ ପୁରୁଷ ବିନା ଇଚ୍ଛାପତ୍ରରେ ମୃତ୍ୟୁବରଣ କଲେ, ତାଙ୍କ ସମ୍ପତ୍ତି ଆଇନ ଅନୁସାରେ ପ୍ରଥମ ଶ୍ରେଣୀର ଉତ୍ତରାଧିକାରୀ ବା ଉକ୍ଷବବ୍ସ୍ୱ ଓ ଔରସକ୍ଷ୍ୱଙ୍କ ମଧ୍ୟରେ ବଣ୍ଟନ ହେବ। ଏଥିରେ ପୁଅ, ଝିଅ, ପତ୍ନୀ ଏବଂ ପୂର୍ବରୁ ମୃତ ପୁଅଙ୍କ ପୁଅ ଅନ୍ତର୍ଭୁକ୍ତ।



କିନ୍ତୁ ଜୀବିତ ପୁଅଙ୍କ ପୁଅ ଅର୍ଥାତ୍ ନାତିଙ୍କୁ ଏହି ତାଲିକାରେ ସ୍ୱତନ୍ତ୍ର ଉତ୍ତରାଧିକାରୀ ଭାବେ ସ୍ଥାନ ଦିଆଯାଇନାହିଁ।

ଏହି ମାମଲାରେ ଜେ. ରାଜେଶ ନାମକ ଜଣେ ବ୍ୟକ୍ତି ନିଜ ବାପାଙ୍କ ଦ୍ୱାରା ଜେଜେବାପାଙ୍କ ସମ୍ପତ୍ତି ବିକ୍ରିକୁ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ଯୁକ୍ତି ଥିଲା, ସମ୍ପତ୍ତିରେ ତାଙ୍କର ମଧ୍ୟ ଭାଗ ରହିଛି। ତେଣୁ ତାଙ୍କ ସମ୍ମତି ବିନା ବାପା ଜମି ବିକ୍ରି କରିପାରିବେ ନାହିଁ। ପ୍ରଥମେ ମାଡ୍ରାସ ହାଇକୋର୍ଟ ତାଙ୍କ ଆବେଦନ ଖାରଜ କରିଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


ତେବେ ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି, ଜେଜେବାପାଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପତ୍ତି ଆଇନ ଅନୁସାରେ ତାଙ୍କର ଉକ୍ଷବବ୍ସ୍ୱ ଓ ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ଏଥିରେ ଯେଉଁ ଅଂଶ ବାପାଙ୍କୁ ମିଳିଥିଲା, ସେହି ସମ୍ପତ୍ତିର ସେ ଏକମାତ୍ର ମାଲିକ ହୋଇଥିଲେ। ତେଣୁ ନାତି ନିଜକୁ ସ୍ୱତନ୍ତ୍ର ଭାଗୀଦାର ଦାବି କରିପାରିବେ ନାହିଁ।

କୋର୍ଟ ଆହୁରି କହିଛନ୍ତି, ୧୯୫୬ ମସିହାର ଆଇନ ଲାଗୁ ହେବା ପରେ ପୂର୍ବ ପ୍ରଚଳିତ ହିନ୍ଦୁ ବ୍ୟକ୍ତିଗତ ଆଇନରେ ଥିବା ନାତିଙ୍କ ଅଧିକାରକୁ ସେହି ରୂପରେ ସଂରକ୍ଷିତ ରଖାଯାଇନାହିଁ। ତେବେ ଏହି ରାୟର ଅର୍ଥ ଏହା ନୁହେଁ ଯେ ସବୁ ପ୍ରକାର ପୈତୃକ ସମ୍ପତ୍ତିରେ ନାତିଙ୍କର ଅଧିକାର ନାହିଁ। ଯୌଥ ପରିବାରର ସହଭାଗୀ ସମ୍ପତ୍ତି ଓ ଧାରା ୮ ଅନୁସାରେ ମିଳୁଥିବା ସମ୍ପତ୍ତିର ଆଇନଗତ ସ୍ଥିତି ଭିନ୍ନ ହୋଇପାରେ। ତେଣୁ ସମ୍ପତ୍ତି ବିବାଦରେ ନିର୍ଦ୍ଦିଷ୍ଟ ଦଲିଲ ଓ ପରିବାରର ଉତ୍ତରାଧିକାର ସ୍ଥିତି ଯାଞ୍ଚ କରିବା ଜରୁରୀ।

୫ ରାଜ୍ୟରେ ବିଧାନସଭା ନିର୍ବାଚନ

ଜାନୁଆରୀ ୧୫ ସୁଦ୍ଧା ତାରିଖ ଘୋଷଣା

ନୂଆଦିଲ୍ଲୀ,୧୦।୧୧: ଆସନ୍ତାବର୍ଷ ୨୦୨୭ରେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ତେବେ ନିର୍ବାଚନ କମିଶନ ଏଥିପାଇଁ ଆସନ୍ତାବର୍ଷ ଜାନୁଆରୀ ୧୫ ସୁଦ୍ଧା ତାରିଖ ଘୋଷଣା କରିବାର ସମ୍ଭାବନା ରହିଛି । ଏହି ରାଜ୍ୟ ମଧ୍ୟରେ ରହିଛି ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆ । ସୂଚନା ଅନୁସାରେ ନଭେମ୍ବର ଶେଷ କିମ୍ବା ଡିସେମ୍ବର ପ୍ରଥମ ଭାଗରେ ପୂର୍ଣ୍ଣାଙ୍ଗ ନିର୍ବାଚନ କମିଶନ (ମୁଖ୍ୟ ନିର୍ବାଚନ କମିଶନର ଓ ଦୁଇ ନିର୍ବାଚନ କମିଶନର) ଏସବୁ ରାଜ୍ୟ ଗସ୍ତରେ ଯିବେ । ସେଠାରେ ପ୍ରସ୍ତୁତିର ସମୀକ୍ଷା କରି ଫେରିବା ପରେ ତାରିଖ ଘୋଷଣା କରିବେ। ଏହା ପୂର୍ବରୁ ଡିଇସି ସ୍ତରୀୟ ପରିଦର୍ଶନ ଜାରି ରହିଛି । ପଞ୍ଜାବ, ଉତ୍ତରାଖଣ୍ଡ ଓ ମଣିପୁରରେ ଡିଇସି ସ୍ତରୀୟ ପରିଦର୍ଶନ ଶେଷ ହୋଇଛି। ଉତ୍ତରପ୍ରଦେଶରେ ଗୋଟିଏ ପର୍ଯ୍ୟାୟ ଡିଇସି ସ୍ତରୀୟ ପରିଦର୍ଶନ ଶେଷ ହୋଇଥିଲା ବେଳେ ଆଉ ଏକ ପର୍ଯ୍ୟାୟ ରହିଛି । ଗୋଆରେ ଏପର୍ଯ୍ୟନ୍ତ ଡିଇସି ସ୍ତରୀୟ ପରିଦର୍ଶନ ଆଦୌ ଆରମ୍ଭ ହୋଇନି । ଡିଇସି ସ୍ତରୀୟ କମିଟିର ପରିଦର୍ଶନ ଶେଷ ହେବା ପରେ ସେମାନେ ତାଙ୍କ ରିପୋର୍ଟ ନିର୍ବାଚନ କମିଶନଙ୍କୁ ଦେବେ । ଏହା ପରେ ପୂର୍ଣ୍ଣାଙ୍ଗ କମିଶନ ଉପରୋକ୍ତ ରାଜ୍ୟ ଗସ୍ତ କରିବେ । ଡିଇସି ସ୍ତରୀୟ ପରିଦର୍ଶନରେ ନିର୍ବାଚନ କମିଶନଙ୍କ ଟିମ୍ ବିଭିନ୍ନ ଜିଲ୍ଲା ଗସ୍ତ କରି ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଏସ୍ପିଙ୍କ ସହିତ ସମୀକ୍ଷା କରିବେ । ପଞ୍ଜାବ, ଗୋଆ ଓ ଉତ୍ତରାଖଣ୍ଡରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବାର ସମ୍ଭାବନା ଥିବା ବେଳେ ଉତ୍ତରପ୍ରଦେଶରେ ଏକାଧିକ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯାଇପାରେ । କିନ୍ତୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଏ ସମ୍ପର୍କରେ କିଛି କୁହାଯାଇନାହିଁ ।



ଆଇଫୋନ୍ ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ୍‌ରେ ୩ କର୍ମଚାରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୦।୧୧: ତାମିଲନାଡୁର ହୋସୁର ସ୍ଥିତ ଆଇଫୋନ୍ ଫ୍ୟାକ୍ଟ୍ରିରେ ବଡ଼ ଧରଣର ଦୁର୍ଘଟଣା। ଟାଟା ଇଲେକ୍ଟ୍ରୋନିକ୍ସର ଏକ କାରଖାନାରେ ବିଷାକ୍ତ ଗ୍ୟାସ୍ ପ୍ରଭାବରେ ଚାଲିଗଲା ୩ କର୍ମଚାରୀଙ୍କ ଜୀବନ। ପାଣି ଟାଙ୍କି ସଫା କରିବା ସମୟରେ ବିଷାକ୍ତ ଗ୍ୟାସ୍ର ପ୍ରଭାବରେ ମୃତ୍ୟୁ ହୋଇଥିବାର କୁହାଯାଉଛି। ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ କାରଖାନାର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ରିପୋର୍ଟ ଅନୁସାରେ,ହୋସୁର ନିକଟସ୍ଥ ଟାଟା ଇଲେକ୍ଟ୍ରୋନିକ୍ସ କାରଖାନାର ଓ୍ୱାନିୟାପୁରମ୍ ସ୍ଥିତ ନାନୋ ଫିଲ୍ଟ୍ରେସନ୍ ଫିଡ୍ ଟାଙ୍କି ସଫା କରାଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ସଫେଇ କାମରେ ନିୟୋଜିତ କର୍ମଚାରୀମାନେ ଟାଙ୍କି ଭିତରେ ବିଷାକ୍ତ ଗ୍ୟାସ୍‌ରେ ସଂସ୍ପର୍ଶରେ ଆସି ଅଚେତ ହୋଇପଡ଼ିଥିବା ସନ୍ଦେହ କରାଯାଉଛି। ଘଟଣା ପରେ କୃଷ୍ଣଗିରି ଜିଲ୍ଲାପାଳ କାରଖାନାରେ ଥିବା ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ଗ୍ୟାସ୍‌ର ପ୍ରକୃତ ପ୍ରକାର ଓ ମୃତ୍ୟୁର କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଜଣଙ୍କ ପରିଚୟ ଅକମଲ, ସାରଥୀକୁମାର ଓ କାବେରୀ ବୋଲି ଜଣାପଡ଼ିଛି। ଅକମଲଙ୍କ ବୟସ ୨୮ ବର୍ଷ ଓ ସାରଥୀକୁମାରଙ୍କ ବୟସ ୨୫ ବର୍ଷ। କାବେରୀଙ୍କ ବୟସ ସମ୍ପର୍କରେ ଏଯାଏଁ ସୂଚନା ମିଳିନାହିଁ। ରିପୋର୍ଟ ଅନୁସାରେ, ପ୍ରଥମେ ଅକମଲ ଟାଙ୍କି ଭିତରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଦେଖିବା ପାଇଁ ସାରଥୀକୁମାର ଟାଙ୍କି ନିକଟକୁ ଯାଇଥିବା ବେଳେ ସେ ମଧ୍ୟ ଅଚେତ ହୋଇଯାଇଥିଲେ। ଏହାପରେ ଉଭୟଙ୍କୁ ସହାୟତା କରିବାକୁ କାବେରୀ ପହଞ୍ଚିଥିଲେ। କିନ୍ତୁ ସେ ମଧ୍ୟ ଅଚେତ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଥିବା ଚତୁର୍ଥ କର୍ମଚାରୀ ଏ ସମ୍ପର୍କରେ ସୂଚନା ଦେଇଥିବା କୁହାଯାଇଛି। ଖବର ପାଇବା ପରେ ତିନି ଜଣଙ୍କୁ ତୁରନ୍ତ ହୋସୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ କିଛି ସମୟ ପରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ପରେ ତାମିଲନାଡୁର ଡିଏମକେ ନେତୃତ୍ୱାଧୀନ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛି। ରାଜ୍ୟ ସରକାରଙ୍କ ମନ୍ତ୍ରୀ ଭିଏମ୍ କାର୍ତ୍ତିକା ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ହୋସୁରର ଟାଟା ଇଲେକ୍ଟ୍ରୋନିକ୍ସ ପ୍ଲାଣ୍ଟରେ ଘଟିଥିବା ଦୁର୍ଘଟଣାରେ ତିନିଟି ମୂଲ୍ୟବାନ ଜୀବନ ଚାଲିଯିବା ଅତ୍ୟନ୍ତ ଦୁଃଖଦ।

ଦିଲ୍ଲୀରେ ବିକ୍ରି ହୋଇଛି ୩ ଶହ କୋଟି ଟଙ୍କାର ବାଣ

– ଦୀପାବଳି ପରେ ଏକ୍ୟୁଆଇ ୪୦୦୦ ଛୁଇଁଲା

– ଡାକ୍ତରଙ୍କ ଭୟଙ୍କର ଚେତାବନୀ

ନୂଆଦିଲ୍ଲୀ,୧୦।୧୧: ଦୀପାବଳି ପରେ ଦିଲ୍ଲୀର ବାୟୁ ପ୍ରଦୂଷଣ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ରାଜଧାନୀର ଅନେକ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (AQI) ୪୦୦ ପାଖାପାଖି ପହଞ୍ଚିଥିବା ବେଳେ ଆବାସିକ ଅଞ୍ଚଳରେ ଏହା ୩୮୫ ରେକର୍ଡ ହୋଇଛି। ଅନ୍ୟପଟେ, ଦୀପାବଳିରେ ଦିଲ୍ଲୀରେ ପ୍ରାୟ ୩୦୦ କୋଟି ଟଙ୍କାର ବାଣ ବିକ୍ରି ହୋଇଥିବା ଦାବି କରିଛି ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (CTI) । ବାୟୁ ପ୍ରଦୂଷଣର ଏଭଳି ଭୟାବହ ସ୍ଥିତିକୁ ଦେଖି AIIMSର ଜଣେ ଡାକ୍ତର ମଧ୍ୟ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁସାରେ, ଦିଲ୍ଲୀର ସାମଗ୍ରିକ AQI ୨୯୯ ରେକର୍ଡ ହୋଇଥିଲା। ତେବେ ବିଭିନ୍ନ ଅଞ୍ଚଳର ସ୍ଥିତି ଆହୁରି ଚିନ୍ତାଜନକ ରହିଛି। ୫୯ଟି ମନିଟରିଂ ଷ୍ଟେସନ୍ ମଧ୍ୟରୁ ଅତିକମ୍‌ରେ ୨୪ଟି ଷ୍ଟେସନ୍‌ରେ AQI ୩୦୦ରୁ ଅଧିକ ରହିଛି। ଏହାକୁ 'ଅତ୍ୟନ୍ତ ଖରାପ' ଶ୍ରେଣୀରେ ରଖାଯାଇଛି। ସେହିପରି ୩୧ଟି ଷ୍ଟେସନ୍‌ରେ ବାୟୁର ଗୁଣବତ୍ତା 'ଖରାପ' ଶ୍ରେଣୀରେ ରହିଛି। କେବଳ କ୍ୟାଣ୍ଟ ଓ ଶ୍ରୀ ଅରବିନ୍ଦ ମାର୍ଗ ଅଞ୍ଚଳରେ ବାୟୁର ଗୁଣବତ୍ତା ସାଧାରଣ ସ୍ତରରେ ରହିଥିବା ରିପୋର୍ଟରେ କୁହାଯାଇଛି।NSIT ଦ୍ୱାରକା ଓ ITO ଷ୍ଟେସନ୍ରୁ ତଥ୍ୟ ମିଳିନଥିଲା। ଏହି ସମୟରେ ପୁସା ଅଞ୍ଚଳରେ ସର୍ବାଧିକ ୩୮୫ ଇଛଓ ରେକର୍ଡ ହୋଇଥିଲା। ବାୟୁ ପ୍ରଦୂଷଣକୁ ନେଇ ଚିନ୍ତା ବଢୁଥିବା ବେଳେ ଦୀପାବଳିରେ ବାଣ ବିକ୍ରିକୁ ନେଇ ଆସିଛି ବଡ଼ ତଥ୍ୟ। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (CTI) ପକ୍ଷରୁ ଜାରି ତଥ୍ୟ ଅନୁସାରେ, ଦିଲ୍ଲୀରେ ଦୀପାବଳି ଅବସରରେ ପ୍ରାୟ ୩୦୦ କୋଟି ଟଙ୍କାର ବାଣ ବିକ୍ରି ହୋଇଛି। ବ୍ୟବସାୟୀଙ୍କ କହିବା ଅନୁସାରେ, ଗତବର୍ଷ ତୁଳନାରେ ଏଥର ବାଣ ବିକ୍ରି ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଏପରିକି ଅଧିକାଂଶ ଦୋକାନରେ ଦୀପାବଳିର ଗୋଟିଏ ଦିନ ପୂର୍ବରୁ ହିଁ ବାଣ ଷ୍ଟକ୍ ଶେଷ ହୋଇଯାଇଥିବା ବ୍ୟବସାୟୀମାନେ କହିଛନ୍ତି। ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (DPCC) ର ଏକ ରିପୋର୍ଟ ଅନୁସାରେ, ଦୀପାବଳି ଦିନ ସହରର ୨୬ଟି ଶବ୍ଦ ନିରୀକ୍ଷଣ କେନ୍ଦ୍ର ମଧ୍ୟରୁ ୧୯ଟିରେ ଗତବର୍ଷ ତୁଳନାରେ ଅଧିକ ଶବ୍ଦ ସ୍ତର ରେକର୍ଡ ହୋଇଥିଲା। ଏହା ସହ ଗତ ଚାରିବର୍ଷର ତଥ୍ୟ ତୁଳନା କରି ରିପୋର୍ଟରେ କୁହାଯାଇଛି ଯେ, ଦୀପାବଳି ଦିନ ଓ ତା' ପରଦିନ ସକାଳେ ରେକର୍ଡ ହୋଇଥିବା AQI ସ୍ତର ସମ୍ପୃକ୍ତ ବର୍ଷଗୁଡ଼ିକ ମଧ୍ୟରେ ସର୍ବାଧିକ ରହିଥିଲା। ତେବେ ପରଦିନ ପ୍ରଦୂଷଣ ସ୍ଥିତିରେ ସାମାନ୍ୟ ସୁଧାର ଦେଖାଯାଇଥିବା କୁହାଯାଇଛି।



ହ୍ରଦରେ ବୁଡ଼ି ୪ ନାବାଳିକାଙ୍କ ସହ ଓ୍ୱାର୍ଡେନଙ୍କ ମୃତ୍ୟୁ

ତାମିଲନାଡୁ,୧୦।୧୧: ତାମିଲନାଡୁରେ ଘଟିଛି ଏକ ଅତ୍ୟନ୍ତ ଦୁଃଖଦ ଘଟଣା । ଦୀପାବଳି ଛୁଟିରେ ବୁଲିବାକୁ ଯାଇଥିବା ବେଳେ ହ୍ରଦରେ ବୁଡ଼ି ୪ ଜଣ ନାବାଳିକାଙ୍କ ସହ ଜଣେ ଓ୍ୱାର୍ଡେନଙ୍କ ମୃତ୍ୟୁ ହୋଇଛି । ମୃତକମାନେ ଏକ ସରକାରୀ ବାଳିକା ସୁରକ୍ଷା ଗୃହରେ ରହୁଥିଲେ । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ, ତାମିଲନାଡୁର ତିରୁଭନ୍ନାମଲାଇ ଜିଲ୍ଲାର ପେରୁମ୍ବାକ୍କମସ୍ଥିତ ସରକାରୀ ବାଳିକା ସୁରକ୍ଷା ଗୃହରେ ରହୁଥିବା ୪ ଜଣ ନାବାଳିକା ନିଜ ଓ୍ୱାର୍ଡେନ ଥେନମୋଝିଙ୍କ ସହ ସମୁଥିରମ୍ ହ୍ରଦକୁ ବୁଲିବାକୁ ଯାଇଥିଲେ । ଦୀପାବଳି ଛୁଟି ଅବସରରେ ସମସ୍ତେ ହ୍ରଦରେ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଜଣେ ନାବାଳିକା ହଠାତ୍ ଗଭୀର ପାଣିକୁ ଚାଲିଯାଇ ବୁଡ଼ିବାକୁ ଲାଗିଥିଲେ । ତାଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ନାବାଳିକାମାନେ ମଧ୍ୟ ପାଣିରେ ଫସିଯାଇଥିଲେ । ଫଳରେ ୫ ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଓ୍ୱାର୍ଡେନ ଥେନମୋଝିଙ୍କ ସମେତ ବିଜୟଲକ୍ଷ୍ମୀ, ଅଲ୍ଲୀ, ଭୂମିକା ଓ ବଲ୍ଲିୟମ୍ମାଲ୍ ନାମକ ୪ ଜଣ ନାବାଳିକା ଅଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ହ୍ରଦରେ ଖୋଜାଖୋଜି କରି ୫ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ । ପରେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସରକାରୀ ଡାକ୍ତରଖାନାକୁ ପଠାଯାଇଛି । ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣା ପରେ ସରକାରୀ ବାଳିକା ସୁରକ୍ଷା ଗୃହରେ ରହୁଥିବା ନାବାଳିକାମାନଙ୍କ ସୁରକ୍ଷା ଓ ତଦାରଖ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି ।

ବଏଲର୍ ବଦଳାଇବା ବେଳେ ଷ୍ଟିଲ୍ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ, ୧୭ ମୃତ

ନୂଆଦିଲ୍ଲୀ,୧୦।୧୧: ଭୟଙ୍କର ବିସ୍ଫୋରଣ । ଆଖି ପିଛୁଳାକେ ସବୁ କିଛି ଛାରଖାର । ଚାଲିଗଲା ଅନେକ ଜୀବନ । ତୁର୍କୀର ଷ୍ଟିଲ୍ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ। ଇଜମିର୍ ପ୍ରଦେଶର ଆଲିଆଗା ଅଞ୍ଚଳରେ ଥିବା ଏକ ଷ୍ଟିଲ୍ ପ୍ଲାଣ୍ଟରେ ଘଟିଛି ଏହି ବଡ଼ ଅଘଟଣ । ବିସ୍ଫୋରଣରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି । ଷ୍ଟିଲ୍ ପ୍ଲାଣ୍ଟରେ କିପରି ହେଲା ବ୍ଲାଷ୍ଟ ? ବଏଲର୍ ବଦଳାଇବା କାମ ଚାଲିଥିବା ବେଳେ ହଠାତ୍ ଏକ ବିଶାଳ ଓଭରହେଡ୍ କ୍ରେନ୍ ଭାଙ୍ଗି ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍ ଭିତରେ ଖସିପଡ଼ିଥିଲା। ଫଳରେ ଭୟଙ୍କର ବିସ୍ଫୋରଣ ସହ କାରଖାନାରେ ନିଆଁ ଲାଗିଯାଇଥିଲା । ବଏଲରକୁ ବଦଳାଇବା ପାଇଁ ଉତ୍ପାଦନ ବନ୍ଦ କରାଯାଇଥିଲା । ଏହାପରେ ପ୍ଲାଣ୍ଟ ଭିତରେ ନିଆଁ ଦ୍ରୁତ ଗତିରେ ବ୍ୟାପିଗଲା ଦୁର୍ଘଟଣା । ସମୟରେ ପ୍ଲାଣ୍ଟରେ ପ୍ରାୟ ୨୦୦ କର୍ମଚାରୀ ଉପସ୍ଥିତ ଥିଲେ। ବିସ୍ଫୋରଣ ପରେ ଘଟଣାସ୍ଥଳରେ ଅଗ୍ନିଶମ ଓ ଉଦ୍ଧାରକାରୀ ଟିମ୍ ପହଞ୍ଚି ନିଆଁ ଆୟତ୍ତ କରିବା ସହ ଆହତଙ୍କୁ ହସ୍ପିଟାଲ୍ ପଠାଇଥିଲେ। ଘଟଣାକୁ ନେଇ ତୁର୍କୀ ରାଷ୍ଟ୍ରପତି ଦୁଃଖ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖାଯାଇଥିବା ରିପୋର୍ଟ ହୋଇଛି ।

'କେବଳ ୧୦୦ ଓ ୨୦୦ ଟଙ୍କିଆ ନୋଟ୍ ରହୁ'

ଦାବି କଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ

ନୂଆଦିଲ୍ଲୀ,୧୦।୧୧: ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଏଭଳି ଏକ ବୟାନ ଦେଇଛନ୍ତି, ଯାହାକୁ ନେଇ ରାଜନୈତିକ ଓ ଆର୍ଥିକ କ୍ଷେତ୍ରରେ ବଢ଼ିଲା ହଙ୍ଗାମା। ସୋମବାର ସେ ୫୦୦ ଓ ୨୦୦୦ ଟଙ୍କାର ବଡ ନୋଟ୍‌କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାର ଯୋରଦାର ଦାବି କରିଛନ୍ତି। ସେ କହିଛନ୍ତି, ଯଦି କ୍ୟାସ୍ରେ ହେଉଥିବା ବଡ଼ ଲେଣଦେଣକୁ ରୋକି ଦିଆଯିବ, ତେବେ ଦେଶରୁ ଭ୍ରଷ୍ଟାଚାରକୁ ସମୂଳେ ନିପାତ କରିହେବ ଓ ଦାରିଦ୍ର୍ୟତା ଦୂର କରିବା ଖୁବ୍ ସହଜ ହେବ। ଡିଜିଟାଲ ପେମେଣ୍ଟ ଓ ଟେକ୍ନୋଲୋଜିକୁ ପ୍ରୋତ୍ସାହନ ନେଇ ସିଏମ୍ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ସେ ପୂର୍ବରୁ ମଧ୍ୟ ଏହି ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ନିଜର କଥା ରଖିଥିଲେ ଓ ଏବେ ସେ ପୁଣିଥରେ ନିଜର ଦାବିକୁ ଦୋହରାଇଛନ୍ତି।




ଆଶ୍ଚର୍ଯ୍ୟଜନକ କଥା ହେଉଛି, ନାଇଡୁଙ୍କ ଏହି ବୟାନ ୨୦୧୬ର ଐତିହାସିକ ବିମୁଦ୍ରୀକରଣର ୧୦ମ ବାର୍ଷିକୀ ବିତିଯାଇଥିବା ବେଳେ ଆସିଛି। ୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାର କଳାଧନ, ନକଲି ମୁଦ୍ରା ଏବଂ ଦୁର୍ନୀତିକୁ ଦୂର କରିବା ଲକ୍ଷ୍ୟରେ ରାତାରାତି ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟକୁ ବିମୁଦ୍ରୀକରଣ କରିଥିଲେ। ଟିଡିପି ମୁଖ୍ୟ କହିଛନ୍ତି, ସିଷ୍ଟମରେ ଥିବା ତ୍ରୁଟି ଏବଂ ଦୁର୍ବଳତା କାରଣରୁ ଭ୍ରଷ୍ଟାଚାର ଆଜି ଏଭଳି ଏକ ଚକ୍ରବ୍ୟୁପ ପାଲଟିଛି, ଯେଉଁଥିରୁ ବାହାରିବା ଏବେ କଷ୍ଟକର। ସେ କହିଛନ୍ତି, ଦୀର୍ଘ ସମୟ ଧରି ଏହି ସିଷ୍ଟମକୁ ସୁଧାରିବାର ଚେଷ୍ଟା କରୁଛନ୍ତି।

ନାଇଡୁ ଦାବି କରିଥିଲେ, 'ଯଦି ଟେକ୍ନୋଲୋଜି ସଠିକ୍ ଭାବରେ କାର୍ଯ୍ୟକାରୀ ହୁଏ, ତେବେ ଦେଶରେ ସମ୍ପତ୍ତି ବୃଦ୍ଧି ହେବା କଷ୍ଟକର ହେବନି ନା ଦାରିଦ୍ର୍ୟତାର ସମସ୍ୟା ରହିବ। ସେ ବିଶ୍ୱାସ କରନ୍ତି ଯେ ଡିଜିଟାଲ ମୁଦ୍ରା ହେଉଛି ଭବିଷ୍ୟତ। ନାଇଡୁ ନିର୍ବାଚନ ରାଜନୀତିରେ ବଡ଼ ପରିବର୍ତ୍ତନ ପାଇଁ ମଧ୍ୟ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ନିର୍ବାଚନ ଅର୍ଥର ଶକ୍ତିରେ ନୁହେଁ, ବରଂ ସମାଜସେବାର ମନୋଭାବ ସହିତ ଲଢ଼ାଯିବା ଉଚିତ। ନିର୍ବାଚନ ସମୟରେ ଟଙ୍କାର ଅବାଧ ବଣ୍ଟନକୁ ସେ ଦୃଢ଼ ନିନ୍ଦା କରିଥିଲେ।

ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିଲେ ପ୍ରଣବ ମୁଖାର୍ଜୀ

୨୦୧୦ ଘଟଣା ମନେପକାଇଲେ ସୋନିଆ

ନୂଆଦିଲ୍ଲୀ,୧୦।୧୧: ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିଲେ କଂଗ୍ରେସ ନେତା ପ୍ରଣବ ମୁଖାର୍ଜୀ। ପ୍ରଧାନମନ୍ତ୍ରୀ ଚୌକିରେ ବସିବାକୁ ତାଙ୍କର ବହୁତ ଇଚ୍ଛା ରହିଥିଲା। ଏକଥା ସେ ୨୦୧୦ରେ କଂଗ୍ରେସର ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧିଙ୍କୁ କଥା ଛଳରେ କହିଥିଲେ। ହେଲେ ସୋନିଆ ତାଙ୍କ କଥା ଶୁଣି ପୂରା ଚକିତ ହୋଇ ଯାଇଥିଲେ। ୨୦୦୯ରେ ୟୁପିଏ କ୍ଷମତା ଦଖଲ କରିବା ପରେ ମନମୋହନ ସିଂହ କ୍ରମାଗତ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବାର ଗୋଟିଏ ବର୍ଷ ପରେ ସୋନିଆଙ୍କୁ ଭେଟିଥିଲେ ପ୍ରଣବ। ଏହି ସମୟରେ ସେ ଏବେ ଶୀର୍ଷ ନେତୃତ୍ୱରେ ପରିବର୍ତ୍ତନ କରିବାର ବେଳ ଆସି ଯାଇଥିବା କହିଥିଲେ। ଅର୍ଥାତ ସମ୍ଭବତଃ ସେ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଆଶା ପୋଷଣ କରିଥିଲେ। ପ୍ରଣବଙ୍କ ଶୀର୍ଷ ସ୍ତରୀୟ ନେତୃତ୍ୱରେ ପରିବର୍ତ୍ତନ କଥା ଶୁଣି ସୋନିଆ ଚକିତ ହୋଇଯାଇଥିଲେ। ଏକଥା ଖୋଦ ସୋନିଆ ନିଜ ବହିରେ ଉଲ୍ଲେଖ କରିଛନ୍ତି। ବିଲଗିଂଙ୍ଗ: ଏ ଜର୍ଣ୍ଣି ଅଫ ଲଭ୍‌ରେ ସୋନିଆ ଗାନ୍ଧି ପରଦା ପଛରେ ରହି କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଚଳାଉଥିବା ଅଭିଯୋଗକୁ ମଧ୍ୟ ଖଣ୍ଡନ କରିଛନ୍ତି। ସୋନିଆଙ୍କ କହିବା କଥା ଯେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲେ ଓ ସେ କଂଗ୍ରେସର ସଭାପତି ଭାବେ କେବଳ ମତାମତ କିମ୍ବା ପରାମର୍ଶ ଦେଉଥିଲେ। ଏଥିସହ କୌଣସି ପ୍ରସଙ୍ଗରେ ଏକମତ ନ ହେଲେ ସେକଥା ମଧ୍ୟ ଉଠାଉଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଭାବେ ସେ ମନମୋହନ ସିଂହଙ୍କୁ ସମ୍ମାନ କରୁଥିଲେ ବୋଲି ବହିରେ କହିଛନ୍ତି। ମଙ୍ଗଳବାର ରିଲିଜ ହୋଇଥିବା ୫୨୬ ପୃଷ୍ଠାର ବହିରେ ସୋନିଆ କହିଛନ୍ତି ଯେ "ଆମ ସରକାରକୁ ଦୁର୍ବଳ କରିବା ପାଇଁ ବିରୋଧୀ ଯେମିତି ସୁଯୋଗ ପାଇବେ, ସେଭଳି ମୁଁ କୌଣସି ବି ପରିସ୍ଥିତିରେ କିଛି ବି ଭୁଲ ବୁଝାମଣାର କାରଣ ବନିବାକୁ ଚାହୁଁ ନଥିଲି।"



ଚାଲିଚାଲି ବାଂଲାଦେଶ ଯିବେ ହାସିନା

ନୂଆଦିଲ୍ଲୀ,୧୦।୧୧: ବାଂଲାଦେଶ ସରକାର ଶେଖ ହାସିନାଙ୍କୁ ପାସପୋର୍ଟ ଏବଂ ଜାତୀୟ ନାଗରିକତା ପ୍ରମାଣପତ୍ର ଦେବାକୁ ମନା କରିଦେଇଛନ୍ତି। ଏହା ପରେ ଆୱାମୀ ଲିଗ୍ ତାଙ୍କ ପାଇଁ ଏକ ନୂତନ ପ୍ରତ୍ୟାବର୍ତ୍ତନ ଯୋଜନା କରୁଛି । ଯୋଜନା ଅନୁଯାୟୀ, ଶେଖ ହାସିନା ଲକ୍ଷ ଲକ୍ଷ ଆୱାମୀ ଲିଗ୍ କର୍ମୀଙ୍କ ସହିତ ଚାଲିଚାଲି ସୀମା ପାର୍ କରିବେ । ବାଂଲାଦେଶର ଡେଲି ଟାଇମ୍ସ ଖବର କାଗଜ ଅନୁଯାୟୀ, ଶେଖ ହାସିନାଙ୍କ ଆଇନଗତ ପରାମର୍ଶଦାତାଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ସରକାରଙ୍କୁ ପାସପୋର୍ଟ ପାଇଁ ଆଉ ଏକ ନୋଟିସ ପଠାଇବେ। ଯଦି ତାହାର ମଧ୍ୟ ଉତ୍ତର ନ ଦିଆଯାଏ ତେବେ ଶେଖ ହାସିନା ପଦଯାତ୍ରା କରି ଢାକା ଫେରିବେ। ଶେଖ ହସିନା ଡିସେମ୍ବର ୨୦-୨୧ ପାଖାପାଖି ବେନାପୋଲ ସୀମା ଦେଇ ବାଂଲାଦେଶ ଫେରିବାକୁ ଚେଷ୍ଟା କରିବେ । ୭୮ ବର୍ଷୀୟ ହସିନା ଅଗଷ୍ଟ ୨୦୨୪ ଠାରୁ ନୂଆଦିଲ୍ଲୀରେ ଅଛନ୍ତି। ଆୱାମୀ ଲିଗ୍ ନେତାଙ୍କ ସୂଚନା ଆଧାରରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ହସିନାଙ୍କୁ ସ୍ୱାଗତ କରିବା ପାଇଁ ଦଳ ଏକ ବଡ଼ ଯୋଜନାରେ କାମ କରୁଛି। ସମସ୍ତ ନେତାଙ୍କୁ ସୀମା ନିକଟରେ ଏକତ୍ରିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦଳର ଶକ୍ତି ପ୍ରଦର୍ଶନ ଭାବରେ ଦେଖାଯାଉଛି । ଦଳ ଚାହୁଁଛି ଯେ, ବିଶ୍ୱବାସୀ ଦେଖିବେ ଯେ, ଶେଖ ହାସିନାଙ୍କର ବାଂଲାଦେଶରେ ଏବେ ବି ଦୃଢ଼ ପ୍ରଭାବ ଅଛି। ଛାତ୍ର ପ୍ରତିବାଦ ସମୟରେ ଯାହା ଘଟିଥିଲା ତାହା ଏକ ଯୋଜନାବଦ୍ଧ ଘଟଣା ଥିଲା । ହସିନା ଚାରିଥର ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି। ତାଙ୍କ ପିତା ଶେଖ ମୁଜିବୁର ରହମାନ ବାଂଲାଦେଶ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଇରାନରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଇଙ୍ଗିତ ଦେଲେ ଟ୍ରମ୍ପ

ତେହେରାନ ୭ଟି ସର୍ତ୍ତ ଗ୍ରହଣ କରିବାକୁ ଧରିଲା ଜିଦ୍

ନୂଆଦିଲ୍ଲୀ,୧୦।୧୧: ଇରାନ ଆମେରିକାକୁ ଏକ ନୂତନ ଚେତାବନୀ ଦେଇଛି। ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ଅନ୍ତ ପାଇଁ ୱାଶିଂଟନକୁ ସାତଟି ସର୍ତ୍ତ ଗ୍ରହଣ କରିବାକୁ ଦାବି କରୁଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନ ସହିତ ଆହୁରି ସାମରିକ ମୁକାବିଲା ଅସମ୍ଭବ ବୋଲି କହିବା ପରେ ଏହି ବିବୃତ୍ତି ଆସିଛି। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ବରିଷ୍ଠ ସଦସ୍ୟ ମେଜର ଜେନେରାଲ ମୋହସେନ ରେଜାଇ ୱାଶିଂଟନକୁ ସଂଘର୍ଷର ପରିଣାମ ସହିତ ସଂଘର୍ଷ କରିବାର ଅଭିଯୋଗ ଆଣିଛନ୍ତି। ସେ ଆମେରିକାକୁ ଏହି ଅଞ୍ଚଳର ପରିବର୍ତ୍ତିତ ପରିସ୍ଥିତିକୁ ବୁଝିବାକୁ ଅନୁରୋଧ କରିଛନ୍ତି। ଇରାନୀ ଗଣମାଧ୍ୟମ ଅନୁଯାୟୀ, ରେଜାଇ କହିଛନ୍ତି ଯେ ଆମେରିକା ଆଲୋଚନାର ଦାବି କରିବା ବନ୍ଦ କରିବା ଉଚିତ ଏବଂ ପଶ୍ଚିମ ଏସିଆରେ ଇରାନର ନୂତନ ସ୍ଥିତି ଗ୍ରହଣ କରିବା ଉଚିତ। ସେ ତେହେରାନର ସାତଟି ଦାବି ଗ୍ରହଣ କରିବାକୁ ମଧ୍ୟ ୱାଶିଂଟନକୁ ଆହ୍ୱାନ କରିଛନ୍ତି। ଉଲ୍ଲେଖନୀୟ ଯେ ଆମେରିକା ଦୀର୍ଘ ଦିନ ଧରି ଇରାନକୁ ଦୁର୍ବଳ କରିବାକୁ ଚେଷ୍ଟା କରିଆସୁଛି, କିନ୍ତୁ ବର୍ତ୍ତମାନ "ସୁପରପାୱାର" ନିଜେ ପଛକୁ ଛିଡ଼ା ହୋଇଛି। ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ଦାବି କରିଛନ୍ତି ଯେ ଇରାନର ସାମରିକ କ୍ଷମତା ଯଥେଷ୍ଟ ଦୁର୍ବଳ ହୋଇଯାଇଛି। ସେ ସୂଚିତ କରିଛନ୍ତି ଯେ କୂଟନୈତିକ ଆଲୋଚନା ଆହୁରି ବୃଦ୍ଧିକୁ ରୋକିପାରିବ। ସେ ଚେତାବନୀ ଦେଇଛନ୍ତି ଯେ ଆବଶ୍ୟକ ହେଲେ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ପୁନଃ ଆରମ୍ଭ କରିବାକୁ ପ୍ରସ୍ତୁତ। ଆମେରିକା ରାଷ୍ଟ୍ରପତି ସୋମବାର କାତାରର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ୍ ଅବଦୁଲ ରହମାନ ଅଲ ଥାନିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି ଯେ କାତାର, ସାଉଦି ଆରବ, ୟୁଏଇ, ବାହାରିନ, କୁଏତ ଏବଂ ଅନ୍ୟାନ୍ୟ ଗଲ୍ଫ ସହଯୋଗୀ ଦେଶମାନେ ଅପରେସନ୍ ଆଇରନ୍ ଗେଟ୍ ଅଧୀନରେ ନୌସେନା ଏବଂ ସ୍ଥଳ କଟକଣା ମାଧ୍ୟମରେ ତେହେରାନ ଉପରେ ଚାପ ବଜାୟ ରଖିବା ସମର୍ଥନ କରନ୍ତି।



ବର୍ଷା ପାଇଁ ତୃତୀୟ ଦିନିକିଆ ବାତିଲ୍



ହାମିଲଟନ୍, ୧୦।୧୧ : ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମଙ୍ଗଳବାର ସ୍ଥାନୀୟ ସେଡାନ ପାର୍କରେ ଖେଳାଯିବାକୁ ଥିବା ତୃତୀୟ ଦିନିକିଆ ବର୍ଷା ଯୋଗୁଁ ବାତିଲ ହୋଇଛି। ଲଗାଣ ବର୍ଷା ଯୋଗୁଁ ଗୋଟିଏ ହେଲେ ବଲ୍ ପଡ଼ିବା ସମ୍ଭବ ହୋଇ ନଥିଲା। ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଖେଳ ୪୦ ଓଭରିଆ ସହ ଭାରତୀୟ ସମୟ ପୂର୍ବାହ୍ନ ୯.୩୦ରେ ଆରମ୍ଭ ହେବା ନିଶ୍ଚିତ ହୋଇଥିଲା। ୯ଟାରେ ଟସ୍ ପଡ଼ିଥିଲା ବେଳେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଲଗାତାର ତୃତୀୟ ଥର ଜିତି କ୍ଷେତ୍ରରକ୍ଷଣ ନିଷ୍ପତ୍ତି ନେଇଥିଲେ। ଉଭୟ ଦଳ ବି ପୂର୍ବ ମ୍ୟାଚ୍ ଏକାଦଶରେ କୌଣସି ପରିବର୍ତ୍ତନ ନ କରି ପଡ଼ିଆକୁ ଓହ୍ଲାଇବାକୁ ପ୍ରସ୍ତୁତ ହୋଇଥିଲେ। ହେଲେ ଖେଳ ଆରମ୍ଭ ହେବା ଲାଗି ପଡ଼ିଆରୁ ପାଲ ଠିକ୍ କାଢ଼ିଲା ବେଳକୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚ୍ ଖେଳିବା ପାଇଁ ନିର୍ଦ୍ଧାରିତ ସମୟସୀମା ରାତି ୭ଟା ୫୦ (ସ୍ଥାନୀୟ ସମୟ) ଥିଲା। ହେଲେ ବର୍ଷା ଜାରି ରହିବା ସହ ପଡ଼ିଆକୁ ଖେଳ ଅନୁକୂଳ କରିବା ଲାଗି ଅଧିକ ସମୟ ଲାଗିବାକୁ ନଜରରେ ରଖି ଦୁଇ ଅମ୍ପାୟାର ଏହାର ୭୦ ମିନିଟ୍ ପୂର୍ବରୁ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ତୃତୀୟ ମୁକାବିଲା ବାତିଲ ହେବା ପରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ବଜାୟ ରଖିଛି। ଚତୁର୍ଥ ଦିନିକିଆ ଶୁକ୍ରବାର ମାଉଣ୍ଟ ମୌଙ୍ଗନୁଇରେ ଖେଳାଯିବ। ଏହାପରେ ଏଠାରେ ପଞ୍ଚମ ତଥା ଶେଷ ମ୍ୟାଚ୍ ୧୫ ତାରିଖରେ ଖେଳାଯିବ। ଏହି ଦୁଇ ଦିନିକିଆରେ ଶ୍ରେୟସ ଆୟର ଦଳର ନେତୃତ୍ୱ ଭାର ସମ୍ଭାଳିବେ। ଇଶାନ କିଶନ ଉପଅଧିନାୟକ ରହିବେ।

ନ୍ୟୁଜିଲାଣ୍ଡରେ ଭାରତୀୟ ଫୁଟ୍‌ବଲ୍ ଦଳ


ଅକ୍‌ଲାଣ୍ଡ, ୧୦।୧୧ : ପ୍ରଥମ ଥର ଲାଗି ନ୍ୟୁଜିଲାଣ୍ଡ ଗସ୍ତ କରିଥିବା ଭାରତର ପୁରୁଷ ଫୁଟ୍‌ବଲ୍ ଦଳ ସୋମବାର ମଧ୍ୟରାତ୍ରରେ ଅକ୍‌ଲାଣ୍ଡରେ ପହଞ୍ଚିଛି। ଏହି ଗସ୍ତରେ ଭାରତ ୨ଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଘରୋଇ ଦଳ ବିପକ୍ଷରେ ଖେଳିବ। ଏହାପୂର୍ବରୁ ମଙ୍ଗଳବାର ସକାଳେ ବ୍ଲୁ ଟାଇଗର୍ସର ଖେଳାଳି ହାଲ୍‌କା ଅଭ୍ୟାସରୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସଂଧ୍ୟାରେ ନର୍ଥ ହାର୍ବର ଷ୍ଟାଡିୟମ୍‌ରେ ଅଭ୍ୟାସ କରିଛି ଦଳ। ଏହାପରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବାକୁ ଥିବା ସ୍ଥାନ 'ଗୋ ମିଡିଆ ଷ୍ଟାଡିୟମ୍'ରେ ଅଭ୍ୟାସ କରିବ ଭ୍ରମଣକାରୀ ଦଳ। ୧୨ ତାରିଖ (ଗୁରୁବାର) ଏଠାରେ ପ୍ରଥମ ମ୍ୟାଚ୍ ଖେଳିବା ପରେ ୧୩ ତାରିଖରେ ଖ୍ରୀଷ୍ଟଚର୍ଚ୍ଚ ଗସ୍ତ କରିବ ଭାରତୀୟ ଦଳ। ସେଠାରେ ୧୫ ତାରିଖରେ ଦ୍ୱିତୀୟ ମ୍ୟାଚ୍ ଖେଳି ଏହି ଗସ୍ତ ଶେଷ କରିବ। ୨୦୧୮ରେ ଭାରତ ଶେଷ ଥର ଲାଗି ମୁମ୍ବାଇରେ 'ଇଣ୍ଟରକଣ୍ଟିନେଣ୍ଟାଲ କପ୍'ରେ ନ୍ୟୁଜିଲାଣ୍ଡକୁ ଭେଟିଥିଲା। ଏହି ମ୍ୟାଚ୍‌ରେ ଘରୋଇ ଦଳ ୧-୨ରେ ପରାସ୍ତ ହୋଇଥିଲା। ଏହା ପୂର୍ବରୁ ୧୯୮୧ରେ ଉଭୟ ଦେଶ ମାଲେସିଆରେ ଆୟୋଜିତ ମାର୍ଡେକା ପ୍ରତିଯୋଗିତାରେ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ଏବେ ତୃତୀୟ ଥର ଲାଗି ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ଯାଉଥିବା ଭାରତ ବିଜୟ ଆଶାରେ ରହିଛି।

ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ଦଳରେ ଓଡ଼ିଶାରୁ ପୂଜା, ସୁନେଲିତା: ସବିତାଙ୍କୁ ବିଶ୍ରାମ

ଭୁବନେଶ୍ୱର, ୧୦।୧୧ :ଭୋପାଳରେ ଚଳିତ ମାସ ୧୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ଏହି ଦଳରେ ଓଡ଼ିଶାରୁ ଦୁଇ ଜଣ ପୂଜା ସାହୁ ଓ ସୁନେଲିତା ଟୋପ୍ପୋ ସ୍ଥାନ ପାଇଛନ୍ତି। ଭେଟେରାନ ଗୋଲି ସବିତା ପୁନିଆଙ୍କୁ ଏହି ପ୍ରତିଯୋଗିତାରେ ବିଶ୍ରାମ ଦିଆଯାଇଥିଲା ବେଳେ ତାଙ୍କ ସ୍ଥାନରେ ବଂଶାରୀ ସୋଲାଙ୍କି ଦଳରେ ସାମିଲ ହୋଇଛନ୍ତି। ସ୍ଥାନୀୟ ନାଥୁ ବର୍‌ଖେଡ଼ାସ୍ଥିତ ନବ ନିର୍ମିତ ଇଣ୍ଟରନ୍ୟାସନାଲ୍ ସ୍ପର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଗତ ସଂସ୍କରଣ ବିଜେତା ଭାରତ ଉଦ୍‌ଘାଟନୀ ଦିବସରେ ମାଲେସିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୧ରେ ଦକ୍ଷିଣ କୋରିଆ, ୨୨ରେ ଥାଇଲାଣ୍ଡ, ୨୪ରେ ଚୀନ୍ ଓ ୨୫ରେ ଜାପାନ ବିପକ୍ଷରେ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବ। ୨୭ରେ ସେମିଫାଇନାଲ୍ ଏବଂ ୨୮ରେ ପଦକ ଲାଗି ମ୍ୟାଚ୍ ଖେଳାଯିବ।

ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ବିଜୟ ପରେ ସଲିମା ଟେଟେଙ୍କ ନେତୃତ୍ୱରେ ଭାରତ ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା ଖେଳିବ। ତେଣୁ ୨୦୧୬, ୨୦୨୩ ଓ ୨୦୨୪ରେ ଟ୍ରଫି ଜିତିଥିବା ଭାରତ ହ୍ୟାଟ୍ରିକ୍ ଆଶାରେ ରହିଛି। ଏହି ପ୍ରତିଯୋଗିତାରେ ପ୍ରଶିକ୍ଷକ ଜୋଏର୍ଡ ମାରିନ କିଛି ଖେଳାଳିଙ୍କ ମଧ୍ୟରେ ସ୍ଥାନ ଅଦଳବଦଳ କରିଛନ୍ତି। ଫରୱାର୍ଡରେ ଖେଳୁଥିବା ରତୁଜା ଦାଦାସୋ ପିସାଲଙ୍କୁ ମିଡ୍‌ଫିଲ୍ଡରେ, ମିଡ୍‌ଫିଲ୍ଡର ନିକି ପ୍ରଧାନଙ୍କୁ ଡିଫେନ୍ସରେ ଏବଂ ଇଶିକା ଚୌଧୁରୀ ଡିଫେଣ୍ଡରରୁ ମିଡ୍‌ଫିଲ୍ଡରେ ଖେଳିବେ।

ଭାରତୀୟ ମହିଳା ହକି ଦଳ: ଗୋଲି-ବଂଶାରୀ ସୋଲାଙ୍କି, ବିଚୁ ଦେବୀ ଖାରିବାମ, ଡିଫେଣ୍ଡର-ନିକି ପ୍ରଧାନ, ଜ୍ୟୋତି, ଜ୍ୟୋତି ସିଂହ, ସୁଶିଳା ଚାନୁ, ଲାଲଥାନ୍ତଲୁଆଙ୍ଗି, ପୂଜା ସାହୁ, ମିଡ୍‌ଫିଲ୍ଡର-ରତୁଜା ଦାଦାସୋ ପିସାଲ, ସୁନେଲିତା ଟୋପ୍ପ, ସଲିମା ଟେଟେ (ଅଧିନାୟିକା), ନେହା, ସାକ୍ଷୀ ରାଣା, ବଲଜିତ କୌର, ଇଶିକା, ଫରୱାର୍ଡ-ନବନୀତ କୌର, ଦୀପିକା, ବିଉଟି ଡୁଙ୍ଗଡୁଙ୍ଗ, ଲାଲରେମସିଆମି, ମମତାଜ ଖାନ୍।



ଏସୀୟ ମଡର୍ଣ୍ଣ ପେଣ୍ଟାଥଲନ
ଭାରତୀୟ ଦଳରେ ଓଡ଼ିଶାରୁ ୮



ଭୁବନେଶ୍ୱର, ୧୦।୧୧: ୟୁଏଇରେ ମଙ୍ଗଳବାରଠୁ ଆରମ୍ଭ ହୋଇଥିବା ଏସୀୟ ମଡର୍ଣ୍ଣ ପେଣ୍ଟାଥଲନ ପ୍ରତିଯୋଗିତାରେ ଭାରତରୁ ଓଡ଼ିଶାର ୮ ଜଣ ପ୍ରତିନିଧିତ୍ୱ କରିବେ। ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ ଖେଳାଳି ପ୍ରଣବ ଦାସ, ମହମ୍ମଦ ଅମନ, ଅମିୟ କୁମାର ପ୍ରଧାନ, ଆରବ ଚିଦାନନ୍ଦ ସ୍ୱାଇଁ, ବେଦାଂଶ ଦେବ ପଣ୍ଡା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ଭାଗନେବେ। ଏମାନଙ୍କ ସହ ଦୁଇ ଜଣ ପ୍ରଶିକ୍ଷକ ପୂଜା ବେହେରା ଓ ମହମ୍ମଦ ଆଜମ ମଙ୍ଗଳବାର ୟୁଏଇ ଗସ୍ତ କରିଛନ୍ତି। ପୂର୍ବତନ ଲୋକସଭା ସାଂସଦ ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଟାଇମ୍ସ ସ୍କଲାର୍ସ ଗୁରୁକୁଳର ଅଧ୍ୟକ୍ଷ ସାରଦା ପ୍ରସାଦ ମିଶ୍ର, ବାସୁଦେବ ଓଝା, ରଞ୍ଜନ କୁମାର ନନ୍ଦ, କୃଷ୍ଣଚନ୍ଦ୍ର ପଣ୍ଡା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ଖେଳାଳିମାନଙ୍କ ସଫଳତା କାମନା କରିଛନ୍ତି।

ହାର୍ଦ୍ଦିକ-ଅର୍ଶଦୀପଙ୍କ ଟ୍ରେଡ୍ ଡିଲ୍ ଉପରେ ମୋହର

ନୂଆଦିଲ୍ଲୀ, ୧୦।୧୧ : ଆଇପିଏଲ ଇତିହାସର ସବୁଠାରୁ ବଡ଼ ଟ୍ରେଡ୍ ଡିଲ ଉପରେ ଲାଗିଛି ଆଧିକାରିକ ମୋହର। ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅର୍ଶଦୀପ ସିଂହଙ୍କ ଟ୍ରେଡ୍ ଡିଲକୁ ବିସିସିଆଇ ମଞ୍ଜୁରି ଦେଇଛି। ଏକ ଗଣମାଧ୍ୟମ ରିପୋର୍ଟରୁ ଏହି ଖବର ସାମ୍ନାକୁ ଆସିଛି। ରିପୋର୍ଟରେ ବିସିସିଆଇ ଏବଂ ଫ୍ରାଞ୍ଚାଇଜିର ଆଭ୍ୟନ୍ତରୀଣ ସୂତ୍ରକୁ ଉଦ୍ଧୃତ କରି କୁହାଯାଇଛି ଯେ, ଏହି ଡିଲକୁ ଔପଚାରିକ ଭାବେ ମଞ୍ଜୁରି ମିଳିସାରିଛି। ଏବେ ଯେକୌଣସି ସମୟରେ ଏହାର ଆଧିକାରିକ ଘୋଷଣା ହୋଇପାରେ। ରିପୋର୍ଟ ଅନୁସାରେ, ମଧ୍ୟାହ୍ନ ସମୟରେ ଏହି ଡିଲକୁ ମଞ୍ଜୁରି ମିଳିଥିଲା ଏବଂ ବିସିସିଆଇ ପକ୍ଷରୁ ଉଭୟ ଫ୍ରାଞ୍ଚାଇଜିକୁ ଏନେଇ ଔପଚାରିକ ଭାବେ ସୂଚନା ଦିଆଯାଇଛି। ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅର୍ଶଦୀପ ସିଂହଙ୍କ ଟ୍ରେଡ୍ ଡିଲକୁ ସବୁଜ ସଙ୍କେତ ମିଳିଛି। ଏହା ସହ ଉଭୟ ଖେଳାଳିଙ୍କ ପାରିଶ୍ରମିକ ବା ଦରମାରେ କୌଣସି ପରିବର୍ତ୍ତନ ହୋଇନଥିବା ମଧ୍ୟ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ପଞ୍ଜାବ କିଙ୍ଗ୍ସରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପୂର୍ବଭଳି ୧୬.୩୫ କୋଟି ଟଙ୍କା ମିଳିବ। ସେହିପରି ମୁମ୍ବାଇ ଇଣ୍ଡିଆନ୍ସରେ ଅର୍ଶଦୀପ ସିଂହଙ୍କୁ ୧୮ କୋଟି ଟଙ୍କା ମିଳିବ। ପ୍ରାୟ ଏକ ସପ୍ତାହ ପୂର୍ବରୁ ଏହି ଡିଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏଥିରେ ସାମିଲ ଖେଳାଳିମାନେ ଆବଶ୍ୟକ କାଗଜପତ୍ରରେ ଦସ୍ତଖତ କରିବାରେ ସମୟ ନେଇଥିବାରୁ ଡିଲରେ ବିଳମ୍ବ ହୋଇଥିବା କୁହାଯାଉଛି। ନିଜ ନିଜ ଫ୍ରାଞ୍ଚାଇଜି ସହ ଆଗାମୀ ଆଲୋଚନା ପରେ ଖେଳାଳିମାନେ ଶେଷରେ ଏହି ଡିଲ ପାଇଁ ରାଜି ହୋଇଥିଲେ। ଏହାପରେ ଉଭୟ ଫ୍ରାଞ୍ଚାଇଜି ବିସିସିଆଇ ନିକଟରେ ନିଜର ଆଗ୍ରହ ପ୍ରକାଶ କରିଥିଲେ। ତେବେ ଏବେ ସବୁଠାରୁ ରୋଚକ ପ୍ରଶ୍ନ ହେଉଛି, ହାର୍ଦ୍ଦିକ ପାଣ୍ଡ୍ୟା ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଅଧିନାୟକ ଭାବେ ଖେଳିବେ ନା ଜଣେ ଖେଳାଳି ଭାବେ ଦଳରେ ସାମିଲ ହେବେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ବର୍ତ୍ତମାନ ପଞ୍ଜାବ କିଙ୍ଗ୍ସର ଅଧିନାୟକ ହେଉଛନ୍ତି ଶ୍ରେୟସ ଆୟର, ଯିଏ ଭାରତୀୟ ଟି-୨୦ ଦଳର ମଧ୍ୟ ଅଧିନାୟକ ଅଛନ୍ତି। ଏଭଳି ସ୍ଥିତିରେ ପଞ୍ଜାବ କିଙ୍ଗ୍ସ ଶ୍ରେୟସଙ୍କ ସ୍ଥାନରେ ହାର୍ଦ୍ଦିକଙ୍କୁ ଅଧିନାୟକ ଦାୟିତ୍ୱ ଦେବା ସମ୍ଭାବନା କମ୍ ଥିବା ମନେ ହେଉଛି। ତେଣୁ ହାର୍ଦ୍ଦିକ ଜଣେ ଖେଳାଳି ଭାବେ ହିଁ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳିପାରନ୍ତି।



ଜାପାନ ମାଷ୍ଟର୍ସ: ପୂର୍ବତନ ବିଶ୍ୱ ବିଜେତାଙ୍କୁ ବିଦା କଲେ ଅର୍ଜୁନ-ହରିହରନ



କୁମାମୋତୋ, ୧୦।୧୧:: ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ଅର୍ଜୁନ ଏମ୍‌ଆର୍ ଓ ହରିହରନ ଆମ୍‌ସାକରୁନାନ୍ ଚଳିତ ଜାପାନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପୂର୍ବତନ ବିଶ୍ୱ ବିଜେତା ଯୋଡ଼ି ମାଲେସିଆର ଆରୋନ ଚିଆ ଓ ସୋ ଉଇ ୟିକ୍‌ଙ୍କୁ ବିଦାୟର ରାସ୍ତା ଦେଖାଇଛନ୍ତି। ମଙ୍ଗଳବାର ଏହି ଭାରତୀୟ ଯୋଡ଼ି ବିପକ୍ଷ ରାଉଣ୍ଡ-୩୨ ମୁକାବିଲାରେ ମାଲେସିଆ ଯୋଡ଼ି ୬-୧୧ରେ ପଛରେ ଥିଲା ବେଳେ ଓହରି ଯାଇଥିଲେ। ଫଳରେ ହରିହରନ ଓ ଅର୍ଜୁନ ସହଜରେ ରାଉଣ୍ଡ-୧୬ ସ୍ଥାନ ନିଶ୍ଚିତ କରିଥିଲେ। ଭାରତୀୟ ମହିଳା ଯୁଗଳ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ୨୧-୧୭, ୨୧-୧୪ରେ ଜାପାନର ହିନାତା ସୁଜୁକି ଓ ନାଓ ୟାମାକିତାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଳ ଓ ରାଧିକ ଶର୍ମା ୧୬-୨୧, ୧୫-୨୧ରେ ଆମେରିକାର ଚେନ୍ ଝି ୟି ଓ ଫ୍ରାନ୍‌ସେସ୍କା କର୍ବେଟଙ୍କଠୁ ହାରି ବିଦାୟ ନେଇଛନ୍ତି।

ସ୍ୟାଣ୍ଡପେପର ଗେଟ୍ ତଦନ୍ତକୁ ନା କଲା କ୍ରିକେଟ୍ ଅଷ୍ଟ୍ରେଲିଆ !

ସିଡ୍‌ନି, ୧୦।୧୧: 'ସ୍ୟାଣ୍ଡପେପର ଗେଟ୍' (ବାଲି କାଗଜରେ ବଲ୍ ଟାମ୍ପରିଂ) ବିବାଦର ପୁଣି ଥରେ ତଦନ୍ତ କରିବନି କ୍ରିକେଟ୍ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆ କ୍ରିକେଟ୍‌ରେ ୨୦୧୮ରେ ହୋଇଥିବା ଏହି ବିବାଦର ତଦନ୍ତ ପୁଣି ଥରେ ଖୋଲିବାକୁ ସିଧାସିଧା ମନା କରିଦେଇଛନ୍ତି କ୍ରିକେଟ୍ ଅଷ୍ଟ୍ରେଲିଆ ମୁଖ୍ୟ ଟଡ୍ ଗ୍ରିନ୍‌ବର୍ଗ। ପୁନଃ ତଦନ୍ତର କୌଣସି ଆବଶ୍ୟ ନାହିଁ ବୋଲି ସେ କହିଛନ୍ତି। ପୂର୍ବତନ ଅଷ୍ଟ୍ରେଲୀୟ ଓପନର୍ ଉସମାନ ଖଖ୍ୱାଜା ନିଜ ଆତ୍ମଜୀବନୀ 'ସବର୍'ରେ ଏହି ବିବାଦ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଲେଖିଛନ୍ତି, '୨୦୧୮ରେ ଏହି ବଲ୍ ଟାମ୍ପରିଂ ଯୋଜନା ବିଷୟରେ ଦଳର ସମସ୍ତେ ଜାଣିଥିଲେ। ଏହା କେବଳ କିଛି ଖେଳାଳିଙ୍କ ମଧ୍ୟରେ ସୀମିତ ନଥିଲା।' ମଙ୍ଗଳବାର ଏହି ବହି ପ୍ରକାଶିତ ହେବା ପରେ ଏହି ବିବାଦ ଉପରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଏହାକୁ ନେଇ ଗ୍ରିନ୍‌ବର୍ଗ କହିଛନ୍ତି ଯେ, 'ଅନ୍ୟ ଖେଳାଳିମାନଙ୍କ ମତଠୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ତାଙ୍କ ବହିରେ ଥିବା କିଛି ତଥ୍ୟ, ଅନ୍ୟମାନେ ଦେଇଥିବା ବିବରଣୀରେ ମେଳ ଖାଉନି। ଦନ୍ତର ଫଳାଫଳରେ ଆମେ ସନ୍ତୁଷ୍ଟ ଅଛୁ। ତେଣୁ ପୁଣି ତଦନ୍ତ କରିବାର କୌଣସି ଆବଶ୍ୟକ ନାହିଁ'। ସୂଚନାଯୋଗ୍ୟ ଯେ ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ବଲକୁ ଅଧିକ ସ୍ୱିଙ୍ଗ କରିବାକୁ ସ୍ୟାଣ୍ଡପେପର୍ (ବାଲିକାଗଜ) ବ୍ୟବହାର କରିଥିଲେ ତତ୍କାଳୀନ ଅଧିନାୟକ ଷ୍ଟିଭ୍ ସ୍ମିଥ୍, ଉପଅଧିନାୟକ ଡେଭିଡ୍ ୱର୍ଣ୍ଣର ଓ କାମେରନ୍ ବାନକ୍ରଫ୍ଟ। ଏହି ମାମଲାରେ ସ୍ମିଥ୍ ଓ ୱର୍ଣ୍ଣର ବର୍ଷ ଲେଖାଏଁ ଏବଂ ବାନ୍‌କ୍ରଫ୍ଟ ୯ ମାସ ବାସନ୍ଦ ହୋଇଥିଲେ।

ୟୁଏଇ ଜାତୀୟ ଦଳରେ ଖେଳିପାରନ୍ତି ଭରତ

ଆବୁ ଧାବି, ୧୦।୧୧: ଭାରତର ପୂର୍ବତନ ଉଇକେଟକିପର ବ୍ୟାଟର କେଏସ୍? ଭରତ ୟୁଏଇ ଜାତୀୟ ଦଳ ଜରିଆରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ବର୍ଷ ଫେବୃଆରୀରେ ତାଙ୍କର କୁଲିଂ ଅଫ୍? ପିରିଅଡ୍? ଶେଷ ହେବ।ଭରତ ୨୦୨୩ରୁ ୨୦୨୪ ମଧ୍ୟରେ ଭାରତ ପାଇଁ ୭ ଟେଷ୍ଟ ମ୍ୟାଚ୍? ଖେଳିଥିଲେ। ଚଳିତ ବର୍ଷ ଜୁନରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ, ଯାହା ଫଳରେ ସମଗ୍ର ବିଶ୍ୱରେ ଟି୨୦ ଲିଗ୍? ଖେଳିବା ପାଇଁ ଯୋଗ୍ୟ ହୋଇପାରିବେ। ଦେଶ ପାଇଁ ଟେଷ୍ଟ କ୍ରିକେଟ ଖେଳିବା ଏକ ସବୁଠୁ ସୁନ୍ଦର ଅନୁଭୂତି। ତାହାକୁ କୌଣସି ଅନୁଭୂତି ବି ପଛରେ ପକାଇ ପାରିବ ନାହିଁ। ମୁଁ ଦୀର୍ଘ ବର୍ଷ ଧରି ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଛି। କିନ୍ତୁ ମୋ ମଧ୍ୟରେ ଏବେ ବି ଅନ୍ତର୍ଜାତୀୟ କ୍ରିକେଟ ବାକି ରହିଥିବା ମୁଁ ଅନୁଭବ କରୁଛି। ଏଥିଯୋଗୁ ଅବସର ଭଳି କଷ୍ଟକର ନିଷ୍ପତ୍ତି ନେଇଥିଲି। ସତ କଥା ହେଲା, ତାହା ହିଁ ଯୋଜନା ଥିଲା। ମୋତେ ଏବେ ବି କୁଲିଂଅଫ୍? ପିରିଅଡ୍? ଶେଷ କରିବାକୁ ପଡ଼ିବ, ଯାହାକି ଫେବୃଆରୀରେ ଶେଷ ହେବ। ୟୁଏଇ କ୍ରିକେଟ ମୋତେ ସେମାନଙ୍କର ଭିତ୍ତିଭୂମି ବ୍ୟବହାର କରିବାକୁ ଅନୁମତି ଦେଇଥିଲା। ଏଠାରେ ଖୁବ ଭଲ ଖେଳାଳି ରହିଛନ୍ତି। ୟୁଏଇ ଏଭଳି ଏକ ସ୍ଥାନ, ଯେଉଁଠାରେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଆଫଗାନିସ୍ତାନ, ଶ୍ରୀଲଙ୍କା, ଭାରତ ଓ ପାକିସ୍ତାନର କ୍ରିକେଟର ମିଳନ୍ତି' ବୋଲି ୩୩ ବର୍ଷୀୟ ଭରତ କହିଛନ୍ତି।

ପନ୍ତଙ୍କୁ ଫିଟନେସ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧୦।୧୧: ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ, ଷ୍ଟାର୍ ୱିକେଟକିପର-ବ୍ୟାଟର ଋଷଭ ପନ୍ତ ବିସିସିଆଇ ର 'ସେଣ୍ଟର ଅଫ ଏକ୍ସଲେନ୍ସ' ଠାରୁ ଫିଟନେସ ମଞ୍ଜୁରୀ ପାଇବେ ବୋଲି ଆଶା କରାଯାଉଛି। ଯଦି ସେ ଫିଟ ଘୋଷିତ ହୁଅନ୍ତି, ତେବେ ସେ ଗୁରୁବାର ନ୍ୟୁଜିଲ୍ୟାଣ୍ଡ ଅଭିମୁଖେ ଯାତ୍ରା କରିପାରନ୍ତି। ପନ୍ତଙ୍କ ଉପସ୍ଥିତି ଟେଷ୍ଟ ଦଳକୁ ଅଧିକ ମଜବୁତ କରିବ। ଇରାନୀ କପରେ'ରେଷ୍ଟ ଅଫ ଇଣ୍ଡିଆ'ଦଳ ପାଇଁ ଖେଳୁଥିବା ସମୟରେ ତାଙ୍କ ଶରୀରର ପାର୍ଶ୍ୱ ଭାଗରେ ଆଘାତ ଲାଗିଥିଲା। ଏହା ପରେ, ତାଙ୍କ ଫିଟନେସ ଉପରେ ନିର୍ଭର କରି, ତାଙ୍କୁ ଏକ ଅଣ-ଆନୁଷ୍ଠାନିକ ଟେଷ୍ଟ ମ୍ୟାଚ ପାଇଁ 'ଇଣ୍ଡିଆ-ଏ'ଦଳରେ ସାମିଲ କରାଯାଇଥିଲା। ତେବେ, ସେ ଉକ୍ତ ଠାରୁ ଖେଳକୁ ଫେରିବା ପାଇଁ ଆବଶ୍ୟକ 'ରିଟର୍ଣ୍ଣ ଟୁ ପ୍ଲେ' ପ୍ରମାଣପତ୍ର ପାଇବାରେ ସକ୍ଷମ ହୋଇନଥିଲେ। ଏହି ଘଟଣାକ୍ରମ ସମ୍ପର୍କରେ ଅବଗତ ଥିବା ବିସିସିଆଇର ଜଣେ ସୂତ୍ର, ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ପନ୍ତ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ବର୍ତ୍ତମାନ 'ସେଣ୍ଟର ଅଫ ଏକ୍ସଲେନ୍ସ' ଠାରେ ମ୍ୟାଚ ପରିସ୍ଥିତି ସୃଷ୍ଟି କରୁଥିବା ଅଭ୍ୟାସକରୁଛନ୍ତି ଏବଂ ବୁଧବାର ଆଉ ଏକ ସେସନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଉଭୟ ସେସନ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପରେ, ପନ୍ତ ନଭେମ୍ବର ୧୨ରେ ୱେଲିଂଟନ ଅଭିମୁଖେ ଯାତ୍ରା କରିବେ। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନର ଭାରତୀୟ ଦଳରେ ପନ୍ତ ହେଉଛନ୍ତି ସେହି ଅଳ୍ପ କେତେଜଣ ଖେଳାଳିଙ୍କ ମଧ୍ୟରୁ ଜଣେ, ଯେଉଁମାନଙ୍କର ନ୍ୟୁଜିଲ୍ୟାଣ୍ଡ ମାଟିରେ ଟେଷ୍ଟ କ୍ରିକେଟ ଖେଳିବାର ଅଭିଜ୍ଞତା ରହିଛି।

ନ୍ୟୁଜିଲାଣ୍ଡ ବିପକ୍ଷ ହକି ଶୃଙ୍ଖଳା: ଭାରତୀୟ ଯୁବ ଦଳରେ ଓଡ଼ିଶାରୁ ୩

ନୂଆଦିଲ୍ଲୀ, ୧୦।୧୧: ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କ୍ରୀଡ଼ା ସମ୍ପର୍କ ଶତବାର୍ଷିକୀ ପାଳନ ଅବସରରେ ଉଭୟ ଦେଶର ଯୁବ ହକି ଦଳକୁ ନେଇ ଅକ୍‌ଲାଣ୍ଡରେ ୩ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ହକି ଶୃଙ୍ଖଳା ଖେଳାଯିବ। 'ସେଞ୍ଚୁରି ଅଫ୍ ସ୍ପୋର୍ଟିଂ ୟୁନିଟି' କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ହେବାକୁ ଥିବା ଏହି ମ୍ୟାଚ୍‌ଗୁଡ଼ିକ ଚଳିତ ମାସ ୧୯, ୨୧ ଓ ୨୨ ତାରିଖରେ ଖେଳାଯିବ। ଏଥିଲାଗି ମଙ୍ଗଳବାର ୨୦ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହି ଯୁବ ଦଳରେ ଓଡ଼ିଶାର ୩ ଜଣ ନୀଲମ ସଞ୍ଜୀପ ଖେସ୍, ଅନମୋଲ ଏକ୍କା, ରୋଶନ କୁଜୁର ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱ ଭାର ଅଲିମ୍ପିକ୍ସ କାଂସ୍ୟ ବିଜେତା ଦଳର ସଦସ୍ୟ ଥିବା ସଞ୍ଜୟଙ୍କୁ ମିଳିଛି। ସୂଚନାଯୋଗ୍ୟ ଯେ ୧୯୨୬ରେ ମେଜର ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଭାରତର ସେନା ହକି ଦଳ ପ୍ରଥମ ଥର ଲାଗି ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା। ଏହା ଥିଲା ଯେକୌଣସି କ୍ରୀଡ଼ାରେ ଭାରତର ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି କହିଛନ୍ତି, ''ଏହି ଗସ୍ତ କ୍ରୀଡ଼ା ବନ୍ଧୁତାର ଶତବାର୍ଷିକୀ ପାଳନ କରିବା ସହ ଯୁବ ଖେଳାଳିମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଦେବ'' ଭାରତୀୟ ଦଳ: ଗୋଲି-ମୋହିତ ଏଚ୍‌ଏସ୍, ପବନ, ଡିଫେଣ୍ଡର-ସଞ୍ଜୟ (ଅଧିନାୟକ), ନୀଲମ ସଞ୍ଜୀପ ଖେସ୍, ଶରଦାନନ୍ଦ ତିୱାରୀ, ତାଲେମ ପ୍ରିୟବ୍ରତ, ଅନମୋଲ ଏକ୍କା, ଯଶଦୀପ ସିୱଚ, ମିଡ୍‌ଫିଲ୍ଡର-ଅଙ୍ଗଦ ବୀର ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ରବିଚନ୍ଦ୍ର ସିଂହ, ବିଷ୍ଣୁକାନ୍ତ ସିଂହ, ମନମିତ ସିଂହ, ରୋଶନ କୁଜୁର, ଭେଙ୍କଟେଶ କେଞ୍ଚେ, ଫରୱାର୍ଡ-ଅଜିତ ଯାଦବ, ଉତ୍ତମ ସିଂହ, କାର୍ତ୍ତୀ ସେଲଭାମ, ଅର୍ଣ୍ଣଦୀପ ସିଂହ, ଅରାଇଜିତ ସିଂହ ହୁଣ୍ଡାଲ।

ରାଜ୍ୟ ଉପକନିଷ୍ଠ ବ୍ୟାଡମିଣ୍ଟନ
ଅୟଙ୍କ, ସମୃଦ୍ଧି, ନିମିଶାଙ୍କୁ ଦ୍ୱିମୁକୁଟ: ହର୍ଷିତ ବିଜେତା

ଭୁବନେଶ୍ୱର, ୧୦।୧୧: ଓସ୍‌ବା ପକ୍ଷରୁ ୩୮ତମ ରାଜ୍ୟ ଉପକନିଷ୍ଠ (୧୫ ଓ ୧୭ ବର୍ଷରୁ କମ୍) ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପୋଖରୀପୁଟ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଶେଷ ହୋଇଛି।ସମ୍ବଲପୁରର ଅୟଙ୍କ ସାହୁ, ଖୋର୍ଦ୍ଧାର ସମୃଦ୍ଧିରାଜ ବିଶ୍ୱାଳ, ନିମିଶା ଓଝା ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ୧୫ ବର୍ଷରୁ କମ ବର୍ଗରେ ଅୟଙ୍କ ସାହୁ ବାଳକ ଏକକ ଫାଇନାଲରେ କଟକର ହର୍ଷିତ ବେହେରାଙ୍କୁ ୧୬-୧୪, ୧୨-୧୫ ଓ ୧୫-୩ରେ ଏବଂ ମିଶ୍ରିତ ଯୁଗଳରେ ଫାଇନାଲରେ ଖୋର୍ଦ୍ଧାର ସମୃଦ୍ଧିରାଜ ବିଶ୍ୱାଳଙ୍କୁ ସାଥୀ କରି ସମ୍ବଲପୁର-ଖୋର୍ଦ୍ଧା ଯୋଡି ସାଧିକା ସମ୍ପୂର୍ଣ୍ଣା ଦାସ ଓ ସୋହନ କୁମାର ମହାପାତ୍ରଙ୍କୁ ୧୫-୧୦ ଓ ୧୫-୬ରେ ହରାଇଥିଲେ। ସେହିଭଳି ସମୃଦ୍ଧିରାଜ ବାଳିକା ଏକକ ଫାଇନାଲ୍‌ରେ ଫାଇନାଲରେ ଜଗତସିଂହପୁରର ଲକ୍ଷ୍ମୀପ୍ରିୟା ଗୋଛାୟତଙ୍କୁ ୧୫-୭, ୧୫-୧୧ରେ ହରାଇଥିଲେ। ୧୫ ବର୍ଷରୁ କମ ବାଳକ ଯୁଗଳ ଫାଇନାଲ୍‌ରେ ବାଲେଶ୍ୱର-ବଲାଙ୍ଗୀର ଯୋଡି ଆଦିତ୍ୟ ପ୍ରଧାନ ଓ ସାଇଚନ୍ଦନ ମହାନ୍ତି ରାୟଗଡ଼ା-ବାଲେଶ୍ୱର ଯୋଡି ଅନୁରୂପ ସାହୁ ଓ ଅର୍ଣ୍ଣବ ଦାସଙ୍କୁ ୧୬-୧୪ ଓ ୧୫-୧୦ରେ ହରାଇ ବିଜେତା ହୋଇଛନ୍ତି। ଏହି ବୟସ ବର୍ଗର ବାଳିକା ଯୁଗଳରେ ଭଦ୍ରକ-ଯାଜପୁର ଯୋଡି ବୁଡୁପୁ ଲକ୍ଷ୍ମୀ ରେଡ୍ଡି ଓ ରୀତିକା ଦାସ ଖୋର୍ଦ୍ଧା-ଜଗତସିଂହପୁର ଯୋଡି ଦର୍ଶ୍ନା ଜଗଦେବ ଓ ଲକ୍ଷ୍ମୀପ୍ରିୟା ଗୋଛାୟତଙ୍କୁ ୧୦-୧୫, ୨୦-୧୮ଓ ୧୫-୧୩ରେ ହରାଇ ବିଜେତା ହୋଇଛନ୍ତି।



୧୭ବର୍ଷରୁ କମ ବାଳିକା ଏକକ ଫାଇନାଲ୍‌ରେ ନିମିଶା ଓଝା କଟକର ସ୍ୱାତୀ ନାୟକଙ୍କୁ ୧୫-୧୨ ଓ ୧୫-୧୦ରେ ହରାଇବା ପରେ ଯୁଗଳ ଫାଇନାଲରେ ସ୍ୱାତୀ ନାୟକଙ୍କୁ ସାଥି କରି ଭଦ୍ରକ-ଯାଜପୁର ଯୋଡି ବୁଡୁପୁ ଲକ୍ଷ୍ମୀ ରେଡ୍ଡି ଓ ରୀତିକା ଦାସଙ୍କୁ ୧୫-୬ ଓ ୧୫-୬ରେ ହରାଇ ବିଜେତା ହୋଇଥିଲେ। ଏହି ବୟସ ବର୍ଗ ବାଳକ ଫାଇନାଲରେ କଟକର ହର୍ଷିତ ପ୍ରିୟଦର୍ଶୀ ବେହେରା ଖୋର୍ଦ୍ଧାର ଶୁଭ୍ରଜିତ ରାଉତଙ୍କୁ ୧୧-୧୫, ୧୫-୯ ଓ ୧୫-୧୦ରେ ହରାଇ ବିଜେତା ହୋଇଛନ୍ତି। ୧୭ ବର୍ଷରୁ କମ ବାଳକ ଯୁଗଳରେ ବଲାଙ୍ଗୀର-ଖୋର୍ଦ୍ଧା ଯୋଡି ଶ୍ରାୟାଂଶ କେଜ୍ରିୱାଲ ଓ ଦୁର୍ଗା ପ୍ରସାଦ ସେଠୀ ଢେଙ୍କାନାଳ-ବାଲେଶ୍ୱର ଯୋଡି କୁମାର ଆଦିତ୍ୟ ଓ ଓଜଦୀପ ମାଝୀଙ୍କୁ ୧୦-୧୫, ୧୫-୧୨ ଓ ୧୭-୧୫ରେ ହରାଇ ବିଜେତା ହୋଇଛନ୍ତି। ଏହି ବୟସ ବର୍ଗର ମିଶ୍ରିତ ଯୁଗଳରେ ବାଲେଶ୍ୱର-ଭଦ୍ରକ ଯୋଡି ଓଜଦୀପ ମାଝୀ ଓ ଜେସିକା ସାହୁ ଢେଙ୍କାନାଳ-ଖୋର୍ଦ୍ଧା ଯୋଡି କୁମାର ଆଦିତ୍ୟ ଓ ଏସ ଆୟୁଷୀଙ୍କୁ ୧୩-୧୫, ୧୫-୧୦ ଓ ୧୫-୬ରେ ହରାଇ ବିଜେତା ହୋଇଛନ୍ତି। ଉଦଯାପନୀ ଉତ୍ସବରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର ରବିନାରାୟଣ ରାଉତରାୟ, କ୍ରୀଡ଼ା ଅଧିକାରୀ କୌଶିକ କୁମାର ଦାସ ଅତିଥି ଥିଲେ। ଓସ୍‌ବା ସମ୍ପାଦକ ନିଲୀନ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମୁଖ୍ୟ ରେଫରି ରିତା ଦାଶ, ସାଂଗଠନିକ ସଂପାଦକ କମଳ ଦାଶ, ଅଜିତ ମହାନ୍ତି, ପ୍ରତିଯୋଗିତାର ନିର୍ଦ୍ଦେଶକ ଶୁଭମ ନାୟକ, ସଂଯୋଜକ ତାରାକାନ୍ତ ଦାଶ, ଜୟପ୍ରକାଶ ଜେନା, ଅବଦୁଲ ହାକିମ ଏବଂ ଲକ୍ଷ୍ୟପତି ପରିଚାଳନା କରିଥିଲେ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha), Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର